

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



Vol - 22 Issue No:169 14 October 2026 (Wednesday) Rourkela Rs.2.00 Page -1 ୨୨ ବର୍ଷ ସଂଖ୍ୟା:୧୬୯ ୧୪ ଅକ୍ଟୋବର ୨୦୨୬ (ବୁଧବାର) ରାଉରକେଲା ମୂଲ୍ୟ:ଟ.୨.୦୦ ପୃଷ୍ଠା-୬

## ପ୍ରଚାରର ଶେଷ ଦିନରେ ଜମୁଛି ବାଣୀବିହାର କ୍ୟାମ୍ପସ୍

### ଆଜି 'ହୁଓ୍ୱାଏ ଆଇ ଷ୍ଟାଣ୍ଡ ଫର୍', ମିଟିଂ ଭୋଟ୍ ପୂର୍ବରୁ ବଢ଼ିଲା ସୁରକ୍ଷା



ଭୁବନେଶ୍ୱର,୧୩/୧୦(ନି/ପ୍ର): ଆଉ ଦିନକ ପରେ ବହୁ ପ୍ରତୀକ୍ଷିତ ଛାତ୍ର ସଂସଦ ନିର୍ବାଚନ । ଉତ୍କଳ ବିଶ୍ୱବିଦ୍ୟାଳୟରେ ଜମୁଛି ଜୋରଦାର ପ୍ରଚାର । ଭୋଟରଙ୍କୁ ନିଜ ସପକ୍ଷରେ ଆଣିବାକୁ ଲାଗିପଡ଼ିଛନ୍ତି ୩ ପ୍ରମୁଖ ଛାତ୍ର ସଂଗଠନ। ଦିନରେ କ୍ଲାସରୁମ୍‌ରୁ କ୍ଲାସରୁମ୍, ରାତିରେ ହଷ୍ଟେଲରୁ ହଷ୍ଟେଲ ବୁଲି ପ୍ରଚାର କରୁଛନ୍ତି ପ୍ରାର୍ଥୀ । ଅନ୍ୟପଟେ ନିର୍ବାଚନକୁ ଦୃଷ୍ଟିରେ ରଖି ବାଣୀ ବିହାର କ୍ୟାମ୍ପସରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ବୁଧବାର ଅନୁଷ୍ଠିତ ହେବ 'Why I Stand For' କାର୍ଯ୍ୟକ୍ରମ । ଏହା ପରେ ଗୁରୁବାର ଭୋଟ୍ ଗ୍ରହଣ କରାଯିବ । ନିଜ ପ୍ୟାନେଲ୍‌କୁ ବିଜୟୀ କରିବା ପାଇଁ ଛାତ୍ର ସଂଗଠନଗୁଡ଼ିକ ପକ୍ଷରୁ ଜୋରଦାର ପ୍ରୟାସ ଜାରି ରହିଛି । ପୁରୁଷ ପ୍ରାର୍ଥୀମାନେ ଜେଂଟସ୍ ହଷ୍ଟେଲ୍ ଏବଂ ମହିଳା ପ୍ରାର୍ଥୀମାନେ ଲେଡିଜ୍ ହଷ୍ଟେଲ୍‌ରେ ପହଞ୍ଚି ଭୋଟ୍ ଭିକ୍ଷା କରୁଛନ୍ତି । ପୂରା ପ୍ୟାନେଲ୍‌କୁ ଭୋଟ୍ ଦେବାକୁ ଭୋଟରଙ୍କୁ ଅପିଲ୍ କରୁଛନ୍ତି ପ୍ରାର୍ଥୀ । କେବଳ ପ୍ରଚାର ନୁହେଁ, ଛାତ୍ରଛାତ୍ରୀଙ୍କ ସମସ୍ୟାକୁ ମଧ୍ୟ ପ୍ରାର୍ଥୀମାନେ ଗୁରୁତ୍ୱ ଦେଉଛନ୍ତି । ବିଭିନ୍ନ ହଷ୍ଟେଲ୍ରେ ରହିଥିବା ସମସ୍ୟାଗୁଡ଼ିକୁ କାଗଜ କଲମରେ ଲେଖି ରଖୁଛନ୍ତି । ନିର୍ବାଚନ ପରେ ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଉଛନ୍ତି । ତେବେ ପ୍ରାର୍ଥୀଙ୍କ ପ୍ରତିଶ୍ରୁତି ଭୋଟରଙ୍କୁ କେତେ ଆକୃଷ୍ଟ କରିପାରୁଛି, ତାହା ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହେବ । ଚଳିତବର୍ଷ ପ୍ରଥମଥର ପାଇଁ ଧନ୍ଦାମୂଳକ ଶିକ୍ଷାର ଛାତ୍ରଛାତ୍ରୀ ମଧ୍ୟ ଭୋଟ୍ ଦେବାକୁ ଯାଉଥିବାରୁ ମତଦାନ ସଂଖ୍ୟା ବଢ଼ିବାର ସମ୍ଭାବନା ରହିଛି । ବର୍ତ୍ତମାନ ଉତ୍କଳ ବିଶ୍ୱବିଦ୍ୟାଳୟରେ ୪୨ଟି ବିଭାଗ ରହିଥିବାବେଳେ ପ୍ରଥମ ଓ ଦ୍ୱିତୀୟ ବର୍ଷକୁ ମିଶାଇ ପ୍ରାୟ ୫ ହଜାର ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଏତେ ସଂଖ୍ୟକ ଭୋଟରଙ୍କ ପାଇଁ ଅଧିକ ପୋଲିଂ ବୁଥ୍ ବ୍ୟବସ୍ଥା କରିବାକୁ କର୍ତ୍ତୃପକ୍ଷ ଯୋଜନା କରୁଛନ୍ତି । ପ୍ରତି ୫୦୦ରୁ ୬୦୦ ଛାତ୍ରଛାତ୍ରୀଙ୍କ ପାଇଁ ଗୋଟିଏ ବୁଥ୍ କରିବାକୁ ଯୋଜନା ରହିଛି । ଏହାଦ୍ୱାରା ମତଦାନ ଓ ଭୋଟ୍ ଗଣତି ପ୍ରକ୍ରିୟା ସୁବିଧାରେ ସମ୍ପନ୍ନ ହୋଇପାରିବ । ଛାତ୍ର ସଂସଦ ନିର୍ବାଚନ ପୂର୍ବରୁ ବାଣୀ ବିହାର କ୍ୟାମ୍ପସ ଉପରେ ପୁଲିସର କଡ଼ା ନଜର ରହିଛି । ଉତ୍କଳ ବିଶ୍ୱବିଦ୍ୟାଳୟରେ ସୁରକ୍ଷା ବ୍ୟବସ୍ଥା ବଢ଼ାଯାଇଥିବାବେଳେ ଅତିରିକ୍ତ ଦୁଇ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି । କ୍ୟାମ୍ପସରେ ପୁଲିସ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି । ଏଥିସହ ସିସିଟିଭି ମାଧ୍ୟମରେ କ୍ୟାମ୍ପସର ବିଭିନ୍ନ ଗତିବିଧି ଓ ନିର୍ବାଚନୀ ପ୍ରଚାର ଉପରେ ନଜର ରଖାଯାଉଛି । ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଏବଂ କୌଣସି ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି । ଏବେ ସମସ୍ତଙ୍କ ନଜର ଗୁରୁବାର ମତଦାନ ଏବଂ ଛାତ୍ର ସଂସଦ ନିର୍ବାଚନ ଫଳାଫଳ ଉପରେ।

## କୋରାପୁଟ କଫିର ପ୍ରଚାର ପାଇଁ ମୁଖ୍ୟମନ୍ତ୍ରୀ ବଡ଼ ଘୋଷଣା:

### ଏଣିକି ସରକାରୀ ବୈଠକରେ ମିଳିବ କୋରାପୁଟ କଫି, ଉପହାର କିଟ୍‌ରେ ବି ରହିବ



ଭୁବନେଶ୍ୱର,୧୩/୧୦(ନି/ପ୍ର): ସରକାରୀ କାର୍ଯ୍ୟକ୍ରମର ଉପହାର କିଟ୍ରେ ମିଳିବ କୋରାପୁଟ କଫି । ସରକାରୀ ବୈଠକରେ ବି କୋରାପୁଟ କଫିର ସ୍ୱାଦ ପାଇବେ। କୋରାପୁଟ କଫିର ଅଧିକ ପ୍ରଚାର ପ୍ରସାର ପାଇଁ ଏମିତି କିଛି ପଦକ୍ଷେପ ନିଆଯାଉଛି ।ଓଡ଼ିଶାର ସ୍ୱଦେଶୀ ଉତ୍ପାଦ 'କୋରାପୁଟ କଫି'ର ପ୍ରଚାର ଓ ପ୍ରସାର ସହ ଏହାକୁ ଜାତୀୟସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ଦେବା ଦିଗରେ ଲୋକଙ୍କ ସରକାର ପ୍ରତିବଦ୍ଧ। ସୋସିଆଲ ମିଡିଆ ଆକାଉଣ୍ଟ 'ଏକ୍ସ' ରେ ଏହା ପୋଷ୍ଟ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସମସ୍ତ ବିଭାଗ, ନିଗମ ଓ କ୍ଷେତ୍ରୀୟ କାର୍ଯ୍ୟାଳୟର ସରକାରୀ ବୈଠକମାନଙ୍କରେ କୋରାପୁଟ କଫି ପରିବେଷଣ ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି। ବିଭିନ୍ନ କାର୍ଯ୍ୟକ୍ରମ ନିମନ୍ତେ ପ୍ରସ୍ତୁତ କରାଯାଉଥିବା ସ୍ମାରକୀ ଉପହାର କିଟ୍ରେ ମଧ୍ୟ କୋରାପୁଟ କଫି ରହିବ। ଏହି ପଦକ୍ଷେପ ଦ୍ୱାରା ଜନଜାତି କଫି ଚାଷୀ, ବିଶେଷ କରି ମହିଳା ଉତ୍ପାଦକମାନଙ୍କର ଆର୍ଥିକ ଉନ୍ନତି ହେବ। ତା'ସହିତ ନୂତନ ବଜାର ସୁଯୋଗକୁ ପ୍ରୋତ୍ସାହନ ମିଳିବ ବୋଲି ମୁଖ୍ୟମନ୍ତ୍ରୀ ଏକ୍ସରେ କହିଛନ୍ତି।

## ଝାରସୁଗୁଡ଼ା ବିମାନବନ୍ଦରକୁ ବଡ଼ ଭେଟି, ୨୧୦୦ କୋଟି ଟଙ୍କାରେ ହେବ ବିକାଶ

ଝାରସୁଗୁଡ଼ା,୧୩/୧୦(ନି/ପ୍ର): ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରର ବିକାଶ ଓ ସମ୍ପ୍ରସାରଣକୁ ନେଇ ହୋଇଛି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଛି । ବିମାନବନ୍ଦର ପରାମର୍ଶ ଦାତା କମିଟିର ବୈଠକରେ ଭିତିଭୂମିର ଉନ୍ନତି, ଯାତ୍ରୀଙ୍କ ପାଇଁ ସୁବିଧା ବୃଦ୍ଧି ଏବଂ ନୂଆ ବିମାନ ସଂଯୋଗ ଉପରେ ଆଲୋଚନା ହୋଇଛି । ସାଂସଦ ପ୍ରଦୀପ ପୁରୋହିତଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଝାରସୁଗୁଡ଼ାରୁ ଦିଲ୍ଲୀକୁ ଦ୍ୱିତୀୟ ସକାଳୁଆ ବିମାନ ଚଳାଚଳ ପ୍ରସ୍ତାବ ଉପରେ ଚର୍ଚ୍ଚା ହୋଇଥିଲା । ଏଥିସହ ଚେନ୍ନାଇ, ଜୟପୁର ଓ ବିଶାଖାପାଟଣାକୁ ସିଧାସଳଖ ବିମାନ ସଂଯୋଗ ସ୍ଥାପନ ନେଇ ମଧ୍ୟ ପ୍ରସ୍ତାବ ରହିଛି । ରନ୍‌ୱେ ସମ୍ପ୍ରସାରଣ ପାଇଁ ୧୬୮.୮୮ ଏକର ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲିଥିବା ବେଳେ ଯାତ୍ରୀ ସଂଖ୍ୟାରେ ୪୧.୨ ପ୍ରତିଶତ ବୃଦ୍ଧି ଲକ୍ଷ୍ୟ ରଖାଯାଇଛି । ନୂଆ ଟର୍ମିନାଲ୍ ଓ ବିମାନ ସଂଯୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା । ପଶ୍ଚିମ ଓଡ଼ିଶାର ବିମାନ ଯୋଗାଯୋଗକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଝାରସୁଗୁଡ଼ା ସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରର ସମ୍ପ୍ରସାରଣ ଯୋଜନା ଉପରେ ଗୁରୁତ୍ୱ ଦିଆଯାଇଛି । ବିମାନବନ୍ଦରର ଭିନ୍ନିଭୂମି ବିକାଶ, ରନ୍‌ୱେ ସମ୍ପ୍ରସାରଣ, ନୂତନ ଟର୍ମିନାଲ୍‌ନିର୍ମାଣ ଓ ଅଧିକ କ୍ଷମତାସମ୍ପନ୍ନ ବିମାନ ଚଳାଚଳ ପାଇଁ ଆବଶ୍ୟକ ସୁବିଧା ବିକାଶ ନେଇ ଯୋଜନା ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି । ଏଥିପାଇଁ ୨୧୦୦ କୋଟି ଟଙ୍କା କେନ୍ଦ୍ର ସରକାର ମଞ୍ଜୁର କରିଥିବା ବରଗଡ଼ ସାଂସଦ ତଥା ବିମାନବନ୍ଦର ପରାମର୍ଶଦାତା କମିଟିର ଅଧ୍ୟକ୍ଷ ପ୍ରଦୀପ ପୁରୋହିତ ସୂଚନା ଦେଇଛନ୍ତି । ଯାତ୍ରୀଙ୍କ ସୁବିଧା ପାଇଁ ବିମାନବନ୍ଦର ପରିସରରେ ଏଟିଏମ୍ ସ୍ଥାପନ, ରେଷ୍ଟୁରାଣ୍ଟ ଓ ଖାଦ୍ୟ ଷ୍ଟଲ୍ ଖୋଲିବା ଉପରେ ଆଲୋଚନା ହୋଇଛି ।

## ପୁଣି ଭୂକମ୍ପରେ ଥରିଲା ପାନାମା, ଭାଙ୍ଗିଲା ୯୦୦ରୁ ଅଧିକ ଘର, ୨୭ ଆହତ



ନୂଆଦିଲ୍ଲୀ,୧୩/୧୦: ପାନାମାରେ ପୁଣି ଶକ୍ତିଶାଳୀ ଭୂକମ୍ପ। ଥରିଲା ଦକ୍ଷିଣ ଉପକୂଳ । ଭୂକମ୍ପର ରିକ୍ଟର ସ୍କେଲରେ ତୀବ୍ରତା ୬ ରେକର୍ଡ ହୋଇଛି । ଏହାର ପ୍ରଭାବରେ ୯୦୦ରୁ ଅଧିକ ଘର ଭାଙ୍ଗିଥିବା ବେଳେ ୨୭ ଜଣ ଆହତ ହୋଇଛନ୍ତି । ପାନାମାର ଦକ୍ଷିଣ ଉପକୂଳରୁ ପ୍ରାୟ ୩୫ କିଲୋମିଟର ଗଭୀରରେ ଭୂକମ୍ପର କେନ୍ଦ୍ରସ୍ଥଳ ଥିବା ସୂଚନା ମିଳିଛି । ୨ ଦିନ ତଳେ ପାନାମାରେ ୭.୭ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା । ଏହା ପରଠାରୁ ପାନାମାରେ ୩୦୦ ରୁ ଅଧିକ ଆଫ୍ଟରଶକ୍ ରେକର୍ଡ କରାଯାଇଥିଲା ଯେଉଁଥିରେ ୬.୧ ଏବଂ ୬.୬ ତୀବ୍ରତାର ଭୂମିକମ୍ପ ମଧ୍ୟ ରହିଛି ।ଲସ୍ ସାଣ୍ଟୋସ୍, କୋକଲେ, ଭେରାଗୁଆସ୍ ଓ ହେରେରା ଅଂଚଳ ଭୂକମ୍ପରେ ଅଧିକ ପ୍ରଭାବିତ ହୋଇଛି । ଭୂକମ୍ପ ଯୋଗୁଁ ଅନେକ ଘର କ୍ଷତିଗ୍ରସ୍ତ ହୋଇଥିବାରୁ ପ୍ରଭାବିତ ଅଂଚଳରେ କ୍ଷୟକ୍ଷତିର ଆକଳନ ଜାରି ରହିଛି । ପ୍ରାରମ୍ଭିକ ରିପୋର୍ଟ ଅନୁସାରେ, ଭୂକମ୍ପ ଝଟକାରେ ୯୦୦ ଘର କ୍ଷତିଗ୍ରସ୍ତ ହୋଇଛି । ସେଥିରେ ସ୍କୁଲ, ହସ୍ପିଟାଲ, ରାସ୍ତା ଏବଂ ପବ୍ଲିକ୍ ବିଲ୍ଡିଂ ରହିଛି । ୨୭ ଜଣ ଆହତ ହୋଇଛନ୍ତି । ମୃତାହତ ନେଇ କୌଣସି ସୂଚନା ହସ୍ତଗତ ହୋଇନାହିଁ ।

## ହର୍ମୁଜ୍‌ରେ ବେଆଇନ ଟୋଲ୍ ଆଦାୟ ବିରୋଧରେ ୬୦ ଦେଶ ଏକଜୁଟ:

### ସାମୁଦ୍ରିକ ପଥରେ କଟକଣା ନେଇ ଦେଲେ କଡ଼ା ବାର୍ତ୍ତା



ତେହେରାନ,୧୩/୧୦:ବିଶ୍ୱର ୬୦ ଦେଶ ଏବେ ହର୍ମୁଜ୍‌ରେ ଜାହାଜ ଚଳାଚଳ ନେଇ ଏକଜୁଟ ହୋଇ ଏକ ସହମତିରେ ପହଞ୍ଚିଛନ୍ତି। ୟୁରୋପୀୟ ସଂଘର ଉଦ୍ୟମରେ ଏସବୁ ଦେଶ ବେଆଇନ ଟୋଲ୍ ଏବଂ ଅନ୍ତର୍ଜାତୀୟ ସାମୁଦ୍ରିକ ମାର୍ଗରେ ପରିବହନ କରୁଥିବା ଜାହାଜଗୁଡ଼ିକ ଉପରେ କଟକଣା ବିରୋଧରେ ପ୍ରତିବାଦ କରିଛନ୍ତି। ହର୍ମୁଜ୍ ପ୍ରଣାଳୀରେ ଜାହାଜ ଚଳାଚଳକୁ ନେଇ ଉତ୍ତେଜନା ବୃଦ୍ଧି ପାଇଥିବା ସମୟରେ ଏକଜୁଟ ହୋଇ ଦେଶଗୁଡ଼ିକ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଅକ୍ଟୋବର ୧୨ ତାରିଖରେ ଜାରି ହୋଇଥିବା ଏହି ଘୋଷଣାନାମାକୁ ୟୁରୋପୀୟ ସଂଘର ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହିତ ଅଷ୍ଟ୍ରେଲିଆ, ଜାପାନ ଏବଂ ବ୍ରିଟେନ ସମେତ ଅନେକ ଦେଶ ସମର୍ଥନ କରିଛନ୍ତି। ଦେଶଗୁଡ଼ିକ କହିଛନ୍ତି ଯେ, ଆନ୍ତର୍ଜାତୀୟ ସାମୁଦ୍ରିକ ପଥ ଦେଇ ସୁରକ୍ଷିତ ଏବଂ ବାଧାହୀନ ନୌଚାଳନା ବଜାୟ ରଖିବା ପାଇଁ ସେମାନଙ୍କୁ ଏକାଠି କାମ କରିବା ଜରୁରୀ। ଘୋଷଣାପତ୍ରରେ ସ୍ପଷ୍ଟ ଭାବରେ କୁହାଯାଇଛି ଯେ ଅନ୍ତର୍ଜାତୀୟ ଜଳପଥରେ ଆଇନଗତ ଭାବରେ ପରିବହନ କରୁଥିବା ଜାହାଜଗୁଡ଼ିକର ଗତିବିଧିକୁ ବାଧା ଦେଉଥିବା ଭଳି ଶୁଳ୍କ ଆଦାୟ କରିବା ଉଚିତ୍ ନୁହେଁ। ଦେଶଗୁଡ଼ିକ ଅଯୌକ୍ତିକ ଶୁଳ୍କ, ପକ୍ଷପାତପୂର୍ଣ୍ଣ କଟକଣା ଏବଂ ପୂର୍ବ ଅନୁମତିର ଆବଶ୍ୟକତା ବିରୋଧରେ ପ୍ରତିବାଦ କରିଛନ୍ତି ବୋଲି ୟୁରୋପୀୟ ସଂଘର ବୈଦେଶିକ ନୀତି ମୁଖ୍ୟ କାଜା କାଲାସ ଘୋଷଣା କରିଛନ୍ତି। ଏହାର ଉଦ୍ଦେଶ୍ୟ ହେଉଛି ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ସମୁଦ୍ର ପଥଗୁଡ଼ିକୁ ଖୋଲା ରଖିବା ଏବଂ କୌଣସି ଦେଶର ଏକପାଖିଆ କାର୍ଯ୍ୟାନୁଷ୍ଠାନ ଦ୍ୱାରା ଜାହାଜଗୁଡ଼ିକର ଗତିବିଧି ପ୍ରଭାବିତ ନ ହେବା। ହୁତିମାନେ ସାଉଦି ଆରବରେ ଆକ୍ରମଣକୁ ତୀବ୍ର କରି ରିୟାଦ-ଦମ୍ମାମ ବିମାନବନ୍ଦର ସମେତ ଅନ୍ୟ ଅଂଚଳଗୁଡ଼ିକୁ ଟାର୍ଗେଟ କରିଛନ୍ତି। ଇରାନ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ବିଶ୍ୱର ପ୍ରାୟ ଏକ ପଂଚମାଂଶ ତୈଳ ଏବଂ ତରଳୀକୃତ ପ୍ରାକୃତିକ ଗ୍ୟାସ୍ ହର୍ମୁଜ୍ ସାମୁଦ୍ରିକ ପଥ ଦେଇ ଯାଉଥିଲା। ଇରାନ ନୌଚାଳନା ସୁରକ୍ଷା ଏବଂ ଅନ୍ୟାନ୍ୟ ସେବା ପାଇଁ ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ଜାହାଜଗୁଡ଼ିକରୁ ଶୁଳ୍କ ଆଦାୟ କରିବାକୁ ଆଗୁଆ ଯୋଜନା କରିଥିଲା। ଏହି ପ୍ରସ୍ତାବ ଆନ୍ତର୍ଜାତୀୟ ସାମୁଦ୍ରିକ ବାଣିଜ୍ୟ ଏବଂ ଜାହାଜ ଚଳାଚଳ ବିଷୟରେ ଚିନ୍ତା ସୃଷ୍ଟି କରିଛି। ସମୁଦ୍ର ପଥରେ ପ୍ରତିବନ୍ଧକ କିମ୍ବା ଅତିରିକ୍ତ ଶୁଳ୍କ ମାଲ ପରିବହନ ଖର୍ଚ୍ଚ ବୃଦ୍ଧି କରିବାର ଆଶଙ୍କା ରହିଛି। ଏହା ଯୋଗୁଁ ତେଲ ଏବଂ ଗ୍ୟାସ୍ ଯୋଗାଣ, ବାଣିଜ୍ୟ ଏବଂ ସାମଗ୍ରୀ ମୂଲ୍ୟ ପ୍ରଭାବିତ ହୋଇପାରେ। ଏହି କାରଣରୁ ୬୦ ଦେଶ ସମୁଦ୍ର ପଥକୁ ଖୋଲା ରଖିବା ଏବଂ ଅନ୍ତର୍ଜାତୀୟ ନିୟମ ପାଳନ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

## ବ୍ରଜ ମୋହନ ରାମ ଓଡ଼ିଶାର ନୂଆ ରାଜ୍ୟପାଳ



ଭୁବନେଶ୍ୱର,୧୩/୧୦(ନି/ପ୍ର): ଓଡ଼ିଶାର ନୂଆ ରାଜ୍ୟପାଳ ଭାବେ ନିଯୁକ୍ତି ପାଇଛନ୍ତି ପୂର୍ବତନ ଏମପି ବ୍ରଜ ମୋହନ ରାମ । ରାଷ୍ଟ୍ରପତି ଭବନ ପକ୍ଷରୁ ଏ ନେଇ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି । ଶ୍ରୀ ରାମ ବର୍ତ୍ତମାନର ରାଜ୍ୟପାଳ ହରିବାବୁ କମ୍ଭପତିଙ୍କ ସ୍ଥାନ ନେବେ । ସୋମବାର ରାଷ୍ଟ୍ରପତି ଭବନରୁ ବାହାରିଥିବା ବିଜ୍ଞପ୍ତି ଅନୁଯାୟୀ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୬ଟି ରାଜ୍ୟର ରାଜ୍ୟପାଳଙ୍କ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି । କେରଳମ୍‌ର ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କୁ ତାମିଲନାଡୁର ନୂଆ ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ସିକିମ ରାଜ୍ୟପାଳ ଓମ୍ ପ୍ରକାଶ ମାଥୁରଙ୍କୁ କେରଳମ୍‌ର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି ।

## କେନ୍ଦ୍ରୀୟ ଆଦେଶକୁ ବେଖାତିର କରି ଯନ୍ତର ମନ୍ତରରେ ସିଜେପିର ପ୍ରତିବାଦ

### ପୁଲିସ ଦ୍ୱାରା ଅନେକ ଅଟକ



ନୂଆଦିଲ୍ଲୀ,୧୩/୧୦:କେନ୍ଦ୍ର ସରକାର ଦିଲ୍ଲୀର ଐତିହାସିକ ଯନ୍ତର ମନ୍ତରକୁ ବିକ୍ଷୋଭ ପ୍ରଦର୍ଶନ ସ୍ଥଳ ଭାବେ ରଦ୍ଦ କରିବାର ମାତ୍ର ଗୋଟିଏ ଦିନ ପରେ, ମଙ୍ଗଳବାର ସକାଳୁ କୋକ୍ରୋଚ୍ ଜନତା ପାର୍ଟି (ସିଜେପି)ର ସଦସ୍ୟମାନେ ସେଠାରେ ପହଞ୍ଚି ହଙ୍ଗାମା ସୃଷ୍ଟି କରିଛନ୍ତି। ଦଳର ନେତା ଆଶୁତୋଷ ରାଙ୍କା ଓ ସୌରଭ ଦାସଙ୍କ ନେତୃତ୍ୱରେ ଏହି ଅପ୍ରତ୍ୟାଶିତ ବିକ୍ଷୋଭ ହୋଇଥିବା ବେଳେ, ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପକେ ଏହି ଗୋପନୀୟ ଆନ୍ଦୋଳନର ଏକ ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଭିଡିଓରେ ଦଳୀୟ କାର୍ଯ୍ୟକର୍ତ୍ତାମାନେ ହାତରେ ପତାକା ଧରି ଲୁହା ଗେଟ୍ ଏବଂ ପୁଲିସ ବ୍ୟାରିକେଡ୍ ଡେଇଁ ଯନ୍ତର ମନ୍ତର ପରିସରକୁ ପ୍ରବେଶ କରୁଥିବାର ଦେଖିବାକୁ ମିଳିଛି। ଆନ୍ଦୋଳନକାରୀମାନେ 'ଭାରତ ମାତା କି ଜୟ' ଏବଂ 'ଇନକିଲାବ ଜିନ୍ଦାବାଦ' ନାରାବାଜି କରିବା ସହ ସେଠାରେ ମୁତୟନ ପୁଲିସ କର୍ମଚାରୀଙ୍କ ସହ ଧସ୍ତାଧସ୍ତି ହୋଇଥିଲେ। ପୁଲିସ ସେମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଅଟକାଇବାକୁ ଚେଷ୍ଟା କରିଥିଲା ଏବଂ ପରବର୍ତ୍ତୀ ସମୟରେ ସମସ୍ତ ବିକ୍ଷୋଭକାରୀଙ୍କୁ ଗିରଫ କରି ନିଆଯାଇଥିବା ଦୀପକେ ସୂଚନା ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଆଦେଶକୁ ସିଧାସଳଖ ଆହ୍ୱାନ ଦେଇ ଦୀପକେ ପୋଷ୍ଟ କରିଛନ୍ତି ଯେ, ଆପଣ ପ୍ରତିରୋଧର ସ୍ୱରକୁ ରଦ୍ଦ କରିପାରିବେ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ଅତି ସୁରକ୍ଷିତ କେନ୍ଦ୍ରୀୟ ଦିଲ୍ଲୀ ଅଂଚଳରେ ଅବସ୍ଥିତ ଯନ୍ତର ମନ୍ତର ଦୀର୍ଘ ଦିନରୁ ପ୍ରତିବାଦର ମୁଖ୍ୟ କେନ୍ଦ୍ର ପାଲଟିଥିବା ବେଳେ, ଏବେ ଏହାକୁ ବିକ୍ଷୋଭ ପାଇଁ ଆଉ ବ୍ୟବହାର କରାଯାଇପାରିବ ନାହିଁ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ଗଠିତ ଏକ କମିଟିର ସୁପାରିଶ ଆଧାରରେ ଜାତୀୟ ରାଜଧାନୀରେ ପ୍ରତିବାଦ ଏବଂ ଧାରଣା ପାଇଁ ତିନୋଟି ନୂତନ ସ୍ଥାନ ନିର୍ଦ୍ଧାରିତ କରାଯାଇଛି। ସେହି ନୂତନ ସ୍ଥାନଗୁଡ଼ିକ ହେଲା ରାମଲୀଳା ମଇଦାନ, ବୁରାଡି ମଇଦାନ ଏବଂ ପୂର୍ବ ଦିଲ୍ଲୀସ୍ଥିତ ସିବିଡି ମଇଦାନ।

## ନୌସେନାରେ ସାମିଲ ହେଲା ଆଇଏନ୍ଏସ୍ ମାଙ୍ଗରୋଲ

ମୁମ୍ବଇ,୧୩/୧୦: ଭାରତୀୟ ନୌସେନାର ତୃତୀୟ ଅଗଭୀର ଜଳ ଆଣ୍ଟି-ସବମେରିନ୍ ଯୁଦ୍ଧପୋତ ଆଇଏନଏସ୍ ମାଙ୍ଗରୋଲ୍‌କୁ ନୌସେନାରେ ସାମିଲ କରାଯାଇଛି। ଏହା ନୌସେନାର ବୁଡ଼ାଜାହାଜ ବିରୋଧୀ ଯୁଦ୍ଧ କ୍ଷମତାକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ବିଶେଷକରି ଉପକୂଳ ଜଳସୀମାରେ ଯେଉଁଠାରେ ବଡ଼ ଯୁଦ୍ଧଜାହାଜଗୁଡ଼ିକର କାର୍ଯ୍ୟ କରିବାରେ ସମସ୍ୟା ସୃଷ୍ଟି ହୋଇଥାଏ ସେଠାରେ ଏହା ଉଲ୍ଲେଖନୀୟ କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରିବ।

## ସୋଲାର ପ୍ୟାନେଲ୍ ଲଗାଇ ବିଦ୍ୟୁତ୍ ବିଲ୍ ୮୦% କମାଇଲେ ମନ୍ନତ ସିଂହ



### ପିଏମ୍ ସୂର୍ଯ୍ୟ ଘର ଯୋଜନାରେ ମିଳୁଛି ୧.୦୮ ଲକ୍ଷ ସବ୍‌ସିଡି

ଲକ୍ଷ୍ନୌ,୧୩/୧୦: ବଢୁଥିବା ବିଦ୍ୟୁତ୍ ବିଲ୍‌ରୁ ଆଶ୍ୱସ୍ତି ଦେବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ 'ପିଏମ୍ ସୂର୍ଯ୍ୟ ଘର ମୁକ୍ତ ବିଜୁଳି ଯୋଜନା' ଆରମ୍ଭ କରାଯାଇଛି। ଏହି ଯୋଜନାରେ ଘରର ଛାତ ଉପରେ ସୋଲାର ପ୍ୟାନେଲ୍ ଲଗାଇ ଲୋକେ ବିଦ୍ୟୁତ୍ ଖର୍ଚ୍ଚ କମାଇପାରୁଛନ୍ତି। ଉତରପ୍ରଦେଶର ଝାନ୍ସୀ ନିବାସୀ ମନ୍ନତ ସିଂହ ଏହାର ଜଣେ ଲାଭାର୍ଥୀ। ତାଙ୍କ ଘରର ବିଦ୍ୟୁତ୍ ବିଲ୍ ପ୍ରାୟ ୮୦ ପ୍ରତିଶତ ହ୍ରାସ ପାଇଛି। ମନ୍ନତ ସିଂହଙ୍କ କହିବା ଅନୁଯାୟୀ, ପୂର୍ବରୁ ତାଙ୍କ ଘରକୁ ପ୍ରତି ମାସରେ ପ୍ରାୟ ୮,୦୦୦ରୁ ୧୦,୦୦୦ ଟଙ୍କାର ବିଦ୍ୟୁତ୍ ବିଲ୍ ଆସୁଥିଲା। କିନ୍ତୁ ଘରେ ସୋଲାର ସିଷ୍ଟମ୍ ଲଗାଇବା ପରେ ଏହା ହ୍ରାସ ପାଇ ପ୍ରାୟ ୨,୫୦୦ରୁ ୩,୦୦୦ ଟଙ୍କା ହୋଇଛି। ଫଳରେ ପରିବାରକୁ ପ୍ରତି ମାସରେ ଅର୍ଥ ସଂଚୟ କରିବାରେ ସହାୟତା ମିଳୁଛି। ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଘରୋଇ ଉପଭୋକ୍ତାଙ୍କୁ ଛାତ ଉପରେ ସୌର ପ୍ୟାନେଲ୍ ଲଗାଇବା ପାଇଁ ଉତ୍ସାହିତ କରିବା ଏବଂ ସ୍ୱଚ୍ଛ ଶକ୍ତିର ବ୍ୟବହାର ବଢ଼ାଇବା ।ଯୋଗ୍ୟ ପରିବାର ଏହି ଯୋଜନା ଅଧୀନରେ ପ୍ରତି ମାସରେ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍‌ର ଲାଭ ପାଇପାରିବେ। ତେବେ ପ୍ରକୃତ ସଂଚୟ ଘରର ବିଦ୍ୟୁତ୍ ବ୍ୟବହାର, ସୋଲାର ସିଷ୍ଟମ୍‌ର କ୍ଷମତା ଓ ଉତ୍ପାଦିତ ବିଦ୍ୟୁତ୍ ଉପରେ ନିର୍ଭର କରେ। ଉତରପ୍ରଦେଶରେ ଏହି ଯୋଜନାରେ କେନ୍ଦ୍ର ସରକାରଙ୍କ ସହ ରାଜ୍ୟ ସରକାର ମଧ୍ୟ ସବ୍‌ସିଡି ପ୍ରଦାନ କରୁଛନ୍ତି। ଉପଲବ୍ଧ ସୂଚନା ଅନୁସାରେ, ଯୋଗ୍ୟ ହିତାଧିକାରୀମାନେ କେନ୍ଦ୍ର ସରକାରଙ୍କଠାରୁ ସର୍ବାଧିକ ୭୮,୦୦୦ ଟଙ୍କା ଏବଂ ଉତ୍ତରପ୍ରଦେଶ ସରକାରଙ୍କଠାରୁ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ସହାୟତା ପାଇପାରିବେ। ଏହି ହିସାବରେ ମୋଟ ସବ୍‌ସିଡି ୧,୦୮,୦୦୦ ଟଙ୍କା ପର୍ଯ୍ୟନ୍ତ ହୋଇପାରେ। ରାଜ୍ୟର ସବ୍‌ସିଡି ପାଇଁ ଉତରପ୍ରଦେଶର ସ୍ଥାୟୀ ବାସିନ୍ଦା ହେବା ସହ ଯୋଜନାର ଅନ୍ୟାନ୍ୟ ସର୍ତ୍ତ ପୂରଣ କରିବା ଆବଶ୍ୟକ।

ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rourkela,

Mob:9692048008

Email: utkalsamachar@gmail.com



କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar

(Near Collectorate, Dist. Keonjhar, Phone / Fax: (06767) 255016

Email: utkalsamachar@gmail.com, Mob: 9437086122

# ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ବାରାଣସୀ ଓ ଅଯୋଧ୍ୟା ଅଭିମୁଖେ ୧୪୦ ବରିଷ୍ଠ ନାଗରିକ



କେନ୍ଦୁଝର,୧୩/୧୦(ନି/ପ୍ର): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ କେନ୍ଦୁଝର ଜିଲ୍ଲାରୁ ମୋଟ୍ ୧୪୦ ଜଣ ବରିଷ୍ଠ ନାଗରିକ ବାରାଣସୀ ଏବଂ ଅଯୋଧ୍ୟା ଅଭିମୁଖେ ଏକ ଆଧ୍ୟାତ୍ମିକ ତୀର୍ଥଯାତ୍ରାରେ ବାହାରିଛନ୍ତି। ଏହି ତୀର୍ଥଯାତ୍ରା ଭ୍ରମଣ ୨୦୨୬ ଅକ୍ଟୋବର ୧୧ ରୁ ୧୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। କେନ୍ଦୁଝରଗଡ଼ ପୌରପାଳିକାର କଲ୍ୟାଣ ମଣ୍ଡପଠାରେ ଅପରାହ୍ନ ୨:୪୫ ମିନିଟରେ କେନ୍ଦୁଝରଗଡ଼ ପୌରପାଳିକାର ଅଧ୍ୟକ୍ଷା ଶ୍ରୀମତୀ ନିକୁ ସାହୁ ଏହି ତୀର୍ଥଯାତ୍ରୀ ବସ୍ କୁ ଆନୁଷ୍ଠାନିକ ଭାବେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ରବୀନ୍ଦ୍ର କୁମାର ପ୍ରଧାନ, ପର୍ଯ୍ୟଟନ ବିଭାଗର ସହକାରୀ ନିର୍ଦ୍ଦେଶକ ଶ୍ରୀ ରମେଶ ଚନ୍ଦ୍ର ନାୟକ ଏବଂ ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ସୁଶ୍ରୀ ବିନତି ମାଝୀ ଉପସ୍ଥିତ ଥିଲେ। ଅପାର ଧାର୍ମିକ ତଥା ସାଂସ୍କୃତିକ ଗୁରୁତ୍ୱ ପାଇଁ ଜଣାଶୁଣା ପବିତ୍ର ସହର ବାରାଣସୀ ଏବଂ ଅଯୋଧ୍ୟା ପରିଦର୍ଶନ କରିବାକୁ ପ୍ରସ୍ତୁତ ହେଉଥିବାବେଳେ ଅଂଶଗ୍ରହଣ କରିଥିବା ବରିଷ୍ଠ ନାଗରିକମାନେ ଖୁସି ଓ ଉତ୍ସାହ ପ୍ରକାଶ କରିଥିଲେ। ଏହି ଯୋଜନା ବୟସ୍କ ନାଗରିକମାନଙ୍କୁ ଏକ ଆଧ୍ୟାତ୍ମିକ ଯାତ୍ରା କରିବା ଏବଂ ଦେଶର ପ୍ରମୁଖ ତୀର୍ଥସ୍ଥଳଗୁଡ଼ିକୁ ଅନୁଭବ କରିବାର ଏକ ସୁଯୋଗ ପ୍ରଦାନ କରିଥାଏ। ତୀର୍ଥଯାତ୍ରୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଓ ଯାତ୍ରାକୁ ସହଜ କରିବା ତଥା ଆବଶ୍ୟକ ସହାୟତା ପ୍ରଦାନ କରିବା ପାଇଁ ଏସକର୍ଟ ଅଫିସର (ସହଯୋଗୀ ଅଧିକାରୀ) ମାନେ ସମ୍ପୂର୍ଣ୍ଣ ଯାତ୍ରା ସମୟରେ ଏହି ଦଳ ସହିତ ରହିଛନ୍ତି। ଏହି ପଦକ୍ଷେପ ବରିଷ୍ଠ ନାଗରିକମାନଙ୍କ ପାଇଁ ତୀର୍ଥଯାତ୍ରାର ସୁଯୋଗ ସୃଷ୍ଟି କରିବା ଏବଂ ସେମାନଙ୍କ ପାଇଁ ଏକ ସୁରକ୍ଷିତ, ଆରାମଦାୟକ ତଥା ସ୍ମରଣୀୟ ଆଧ୍ୟାତ୍ମିକ ଅନୁଭୂତି ସୁନିଶ୍ଚିତ କରୁଛି।

# ଘସିପୁରାରେ ପାଗଳ ଶିଆଳ ଆତଙ୍କ:
## ୧୫ ଜଣ ଲୋକଙ୍କୁ ଆକ୍ରମଣ କରି କ୍ଷତାକ୍ତ



ଘସିପୁରା,୧୩/୧୦(ନି/ପ୍ର): ଘସିପୁରା ବ୍ଲକର ତରିମୂଳ ଗ୍ରାମ, କଟାଂରୋହି ଗ୍ରାମ, ନରସିଂହପୁର ଗ୍ରାମ, କୋଟିଆନାଣ୍ଡି ଗ୍ରାମ ସମେତ ଆଖପାଖର କିଛି ଗ୍ରାମରେ ପାଗଳ ଶିଆଳଙ୍କର ଆତଙ୍କ ଦେଖିବାକୁ ମିଳିଛି। ଗତକାଲି ସନ୍ଧ୍ୟା ସମୟରେ ତରିମୂଳ ଗ୍ରାମର ସନାତନ ରାଉତ (ଜନ) ଙ୍କୁ ତାଙ୍କ ଘର ଆଗରେ ଏକ ପାଗଳ ଶିଆଳ ହଠାତ୍ ଆକ୍ରମଣ କରିଥିଲା ଏବଂ ଦେହ ସାରା କାମୁଡ଼ିକି ରକ୍ତାକ୍ତ କରିଦେଇଥିଲା ଏବଂ ଘଟଣା ସ୍ଥଳରେ ନିଜକୁ ବଚାଂଇବାକୁ ଯାଇ ସେହି ଶିଆଳଟିକୁ ପିଟି ପିଟି ହତ୍ୟା କରିଦେଇଥିଲେ। ଆଖପାଖ ଗ୍ରାମରେ ରାତି ହେଲେ ଭୟର ବାତାବରଣ ଦେଖିବାକୁ ମିଳିଛି। ଏହିଭଳି ୧୫ ଜଣ ଲୋକଙ୍କୁ ଆକ୍ରମଣ କରି କ୍ଷତାକ୍ତ କରିସାରିଲାଣି। ଲୋକମାନଙ୍କ କହିବା ଅନୁଯାୟୀ ଆହୁରି ୨୦ ରୁ ୩୦ ପାଗଳ ଶିଆଳ ଆଖପାଖ ଗ୍ରାମ ଭିତରକୁ ରାତି ହେଲେ ଆସୁଛନ୍ତି ଏବଂ ଆକ୍ରମଣ କରୁଛନ୍ତି। ଦୟାକରି ରାତ୍ରି ସମୟରେ କେହି ଏକା ବାହାରକୁ ଯାଆନ୍ତୁ ନାହିଁ, ଯଦି କିଛି ଜରୁରୀ କାମ ପାଇଁ ଯାଉଛନ୍ତି ସାଥିରେ ଟର୍ଚ୍ଚ ଏବଂ ଠେଙ୍ଗା ଧରି ଯାଆନ୍ତୁ ବୋଲି ବନ ବିଭାଗ ପକ୍ଷରୁ ସତର୍କ ସୂଚନା ଦିଆଯାଇଛି।

# ମନୋହରପୁରରେ ସେବା ସେତୁ ଅଭିଯାନ

କେନ୍ଦୁଝର,୧୩/୧୦(ନି/ପ୍ର): ଘଟଗାଁ ବ୍ଲକ ଅନ୍ତର୍ଗତ ମନୋହରପୁର ଗ୍ରାମପଂଚାୟତର ସିତାବିଞ୍ଜି କଲ୍ୟାଣ ମଣ୍ଡପ ଠାରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ, କେନ୍ଦୁଝରର ନିର୍ଦ୍ଦେଶ କ୍ରମେ ସେବା ସେତୁ ଅଭିଯାନ-୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୂଚନା ମୁତାବକ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ସୂଚନା, ସୁଫଳ ଓ ସମସ୍ୟାର ତ୍ୱରିତ ସମାଧାନ ସହ ବିଭିନ୍ନ ବିଭାଗକୁ ଗୋଟିଏ ଛତା ତଳେ ରଖି ଜନସାଧାରଣଙ୍କୁ ତ୍ୱରିତ ସେବା ପ୍ରଦାନ ଉଦ୍ଦେଶ୍ୟରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି। ଆଜି ମନୋହରପୁର ଗ୍ରାମପଂଚାୟତ ବ୍ୟତୀତ ରୁଟିଶିଳା ଓ ପିପିଳିଆ ଗ୍ରାମପଂଚାୟତର ହିତାଧିକାରୀଙ୍କ ପାଇଁ ସେବା ସେତୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ସମସ୍ତ ବିଭାଗ ସହିତ ଘଟଗାଁ ତହସିଲ, ବ୍ଲକ କୃଷି ବିଭାଗ, ଜଙ୍ଗଲ ଓ ପରିବେଶ ବିଭାଗ, ସମନ୍ୱିତ ଶିଶୁ ବିକାଶ ବିଭାଗ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଘଟଗାଁ, ବ୍ଲକ ପ୍ରାଣୀଧନ ବିଭାଗ, ମତ୍ସ୍ୟ ବିଭାଗ ଓ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପ୍ରଭୃତି ବିଭାଗର ଅଧିକାରୀ ଓ କର୍ମକର୍ତ୍ତା ସକ୍ରିୟ ଅଂଶଗ୍ରହଣ କରିବା ସହ ଜନସାଧାରଣଙ୍କ ସମସ୍ୟାର ସମାଧାନ କରିବା ସହ ତ୍ୱରିତ ସହାୟତା ପ୍ରଦାନ କରିଥିଲେ। ଖବର ଅନୁଯାୟୀ ଆଜି ବାର୍ଦ୍ଧକ୍ୟ ଭତା ୧୫ଟି, ବିକଳାଙ୍ଗ ଭତା ୨ଟି, ଖାଉଟି କାର୍ଡ ୨୪ଟି, ଆୟୁଷ୍ମାନ କାର୍ଡ ୮ଟି ବଂଟନ କାରାଯାଇଥିବା ବେଳେ ଜଣକୁ ଶ୍ରେଷ୍ଠ ଅଙ୍ଗନବାଡ଼ି କର୍ମୀ ପୁରସ୍କାର ଓ ଜଣକୁ ଶ୍ରେଷ୍ଠ ଅଙ୍ଗନବାଡ଼ି ସହାୟିକା ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ସୌଜନ୍ୟରୁ ୧୪୫ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏତଦଭିନ୍ନ ୧୨ ଟି ଶ୍ରମ କାର୍ଡ ବଂଟନ ହେବା ସହ ୮ ଜଣଙ୍କୁ ସହିଦ ମାଧୋ ସିଂ ହାତପାଣ୍ଠି ଯୋଜନାରେ ସହାୟତା ପ୍ରଦାନ କରାଯାଇଥିଲା। ଜଙ୍ଗଲ ବିଭାଗ ସୌଜନ୍ୟରୁ ୫୦ ରୁ ଉର୍ଦ୍ଧ୍ୱ ଜନସାଧାରଣ ଓ ପଂଚାୟତିରାଜ ପ୍ରତିନିଧିଙ୍କୁ ଚାରା ବଂଟନ କରାଯାଇଥିଲା। ଏହି ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଘଟଗାଁ ତରଫରୁ ଉପସ୍ଥିତ ହିତାଧିକାରୀଙ୍କ ରକ୍ତଚାପ, ରକ୍ତ ଶର୍କରା, ହିମୋଗ୍ଲୋବିନ ସ୍ତର ଆଦି କିଟ ମାଧ୍ୟମରେ ପରୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଡ଼ିଓ ଖଗେଶ୍ୱର ବରାଳ, ଡାକ୍ତର ମୁକ୍ତିକାନ୍ତ ନାୟକ, ସହକାରୀ ଶ୍ରମ ଅଧିକାରୀ ଘନଶ୍ୟାମ ମହାନ୍ତ, ଏବିଡ଼ିଓ ଚିତରଞ୍ଜନ ନାୟକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କାଳିଦାସ ମୁର୍ମୁ, ସାମାଜିକ ସୁରକ୍ଷା ବିଭାଗର କନିଷ୍ଠ ସହାୟକ ସବିତା ପଣ୍ଡିତ, ବ୍ଲକ ଗ୍ରାମୀଣ ଆବାସ ସେଲର କ୍ଷଣପ୍ରଭା ନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସ୍ୱାତୀ ସୁଚରିତା ବିଶ୍ୱାଳ, ବରିଷ୍ଠ ନିର୍ବାହୀ ଅଧିକାରୀ ସାରଙ୍ଗଧର ରଣା, ଚିତ୍ରସେନ ମହାନ୍ତ, ଯତୀନ୍ଦ୍ର ପାତ୍ର, ହରପ୍ରିୟା ଦେଓଗାନ, ପ୍ରମୁଖ ସକ୍ରିୟ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋହରପୁର ସରପଂଚ ଦୁଃଶାସନ ନାୟକ, ଏଡ଼ିଇଓ ଭରତ ମହାନ୍ତ ଓ ନରସିଂହ ମାଝୀଙ୍କ ସମେତ ପଂଚାୟତିରାଜ ପ୍ରତିନିଧି ଓ ଜନସାଧାରଣ ଆନୁଷଙ୍ଗିକ ସହଯୋଗ ଯୋଗେଇଦେଇଥିଲେ।

# ରତ୍ନଗର୍ଭା ମା ଥିଲେ ସ୍ୱର୍ଗତା ସାବିତ୍ରୀ ଦେବୀ

ଭଦ୍ରକ,୧୩/୧୦(ନି/ପ୍ର):ଏହି ଜିଲାର ବନ୍ତ ଅଂଚଳର ବିଶିଷ୍ଟ ସମାଜସେବିକା ସ୍ୱର୍ଗତା ସାବିତ୍ରୀ ଦେବୀ ସମାଜକୁ ଗଢି ତୋଳିବାରେ ତାଙ୍କ ଜନ୍ମିତ ସନ୍ତାନ ସନ୍ତତି ମାନଙ୍କ ସହଭାଗିତା ଦର୍ଶାଉଛି ସେ ସୁଗୃହୀଣି ନ ଥିଲେ ତାଙ୍କ ପିଲାମାନଙ୍କୁ ରାଜନୈତିକ,ସାମାଜିକ,କଳା ତଥା ଶିକ୍ଷା କ୍ଷେତ୍ରରେ ସୁ-ପ୍ରତିଷ୍ଠିତ କରାଇବା ଥିଲା ତାଙ୍କ ବ୍ୟକ୍ତିତ୍ୱର ଚରମ ନିଦର୍ଶନ ବୋଲି ଶନିବାର ସନ୍ଧ୍ୟାରେ ବନ୍ତ ବ୍ଲକ ଗଉରପୁର ଠାରେ ଆୟୋଜିତ ସ୍ମୃତି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ମତ ବ୍ୟକ୍ତ କରିଥିଲେ। ଶିକ୍ଷାବିତ ଚାରୁଚନ୍ଦ୍ର ନାୟକଙ୍କ ଧର୍ମପତ୍ନି ତଥା ବିଶିଷ୍ଟ ନାଟ୍ୟକାର ଡ଼ ସୁଧାଂଶୁ ଶେଖର ନାୟକଙ୍କ ମା ସ୍ୱର୍ଗତା ସାବିତ୍ରୀ ଦେବୀଙ୍କ ଏକାଦଶାହ ଅବସରରେ ଅୟୋଜିତ ସ୍ମୃତି ସଭାକୁ ଶିଶୁ ସାହିତ୍ୟିକ ଗୋବିନ୍ଦ ଚନ୍ଦ୍ର ବାରିକ ପୌରହିତ୍ୟ କରିଥିବା ବେଳେ କବି ନାରାୟଣ ଚନ୍ଦ୍ର ଲେଙ୍କା,ଶିକ୍ଷାବିତ ପଂଚାନନ ପୃଷ୍ଟି ମଂଚ ସଂଯୋଜନା କରିଥିଲେ। ସଭାରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ,ଭଣ୍ଡାରୀପୋଖରୀ ବିଧାୟକ ସଞ୍ଜିବ କୁମାର ମଲ୍ଲିକ,ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ,ଜିଲ୍ଲା ବିଜେପି ସଭାପତି ଭଗବାନ ପଣ୍ଡା,ପୂର୍ବତନ ସଭାପତି ଅକ୍ଷୟ ସାହୁ,ରାଜ୍ୟ କାର୍ଯ୍ୟକାରିଣୀ ପଂଚାନନ ରାଉତ,ପୂର୍ବତନ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ,ଭଦ୍ରକ ବ୍ଲକ ପ୍ରକ୍ତନ ଅଧ୍ୟକ୍ଷ ମଳୟ କୁମାର ଜେନା,ତ୍ୟାଗଭୂମି ସଭାପତି ଅଜୟ କୁମାର ନାୟକ,ଭଦ୍ରକ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ଡ଼ ଶଶଧର ଦାସ,ବନ୍ତ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ସୁଭେନ୍ଦ୍ର କୁମାର ମିଶ୍ର,ଶନାରାୟଣ ଚନ୍ଦ୍ର ସାମଲ,ହୃଷିକେଶ ମିଶ୍ର,ଜଗନ୍ନାଥ ପାତ୍ର,ପ୍ରମୁଖ ୱ ସାବିତ୍ରୀ ଦେବୀ ଆମ ସମସ୍ତଙ୍କ ପାଇଁ ଆଦର୍ଶ ବୋଲି କହିଥିବା ବେଳେ ସେ ସୁଯୋଗ୍ୟ ଓ ସର୍ବଗୁଣ ସପର୍ଣ୍ଣା ମା ଥିଲେ ବୋଲି ମତ ପ୍ରକାଶ ପାଇଥିଲା।

# ସୋରରେ ଛିନତାଇ ଗ୍ୟାଙ୍ଗର ପର୍ଦ୍ଦାଫାସ୍:
## ୬ ଲୁଟେରାଙ୍କ ସହ ଗହଣା ବ୍ୟବସାୟୀ ଗିରଫ, ୩ ବାଇକ୍ ଜବତ



ସୋର,୧୩/୧୦(ନି/ପ୍ର): ସୋରରେ କିଛିଦିନ ହେବ ଛିନତାଇ ଗ୍ୟାଙ୍ଗ ଆତଙ୍କ ସୃଷ୍ଟି କରିଥିଲା। ଯାହା ସୋର ପୁଲିସର ମୁଣ୍ଡ ବ୍ୟଥାର କାରଣ ପାଲଟିଥିଲା। ଗତ ଦୁଇଦିନ ତଳେ ଗୋଟିଏ ଦିନରେ ହୋଇଥିବା ତିନୋଟି ଛିନତାଇ ଘଟଣାରେ ପୁଲିସକୁ ବଡ଼ ସଫଳତା ମିଳିଛି। ଛିନତାଇ ଗ୍ୟାଙ୍ଗର ୬ ଜଣ ଲୁଟେରାଙ୍କ ସମେତ ଜଣେ ଗହଣା ବ୍ୟବସାୟୀଙ୍କୁ ଗିରଫ କରି ସୋର ପୁଲିସ କୋର୍ଟ ଚାଲାଣ କରିଛି। ଲୁଟେରାମାନେ ହେଲେ ପୁଲିସ ଭଦ୍ରକଜିଲ୍ଲା ବାସୁଦେବପୁର ଥାନା ଇରମ ଗ୍ରାମର ଶିବ ଶଙ୍କର ଦଳେଇ (୧୮),ଅଢୁଆଁ ଗ୍ରାମର ଜୟନ୍ତ ମଳିକ(୧୭), ଜଗନ୍ନାଥପୁର ମଳିକସାହି ଗ୍ରାମର ମାୟାଧର ମଳିକ (୨୧), ସତ୍ୟସାଇ ମଳିକ(୨୨),ଜେନା ସାହିର ଶିବପ୍ରସାଦ ଦଳେଇ(୨୨), ଚୁଡାମଣି ମେରାଇନ ଥାନା ଅନ୍ତର୍ଗତ ଚୁଡାମଣି ଶାଶୁଭୁଆଶୁଣି ଗ୍ରାମର ଶିବବ୍ରତ ମଳିକ(୧୯) ଏବଂ ଗହଣା ଦୋକାନୀ ହେଲେ ସୋର ଥାନା କେଦାରପୁର ଗ୍ରାମର ପ୍ରଭାତ କୁମାର ରଣା(୨୫)। ପୁଲିସ ପକ୍ଷରୁ ମିଳିଥିବ ସୂଚନା ଅନୁସାରେ; ଗତ ୯ ତାରିଖ ପୂର୍ବାହ୍ନରେ ମୂଳେଶ୍ୱର ଗ୍ରାମର ସ୍ମୃତି ବିଶ୍ୱାଳ ଓ ତାଙ୍କ ଭଉଣୀ ସ୍କୁଟି ଯୋଗେ ଅନନ୍ତପୁର ଯାଉଥିବା ବେଳେ କୁଆମରା ନିକଟରେ ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ସେ ବେକରେ ପିନ୍ଧିଥିବା ୧୦ ଗ୍ରାମ ଓଜନର ସୁନା ଚେନକୁ ଝାମ୍ପିନେଇ ଅନନ୍ତପୁର ଅଭିମୁଖେ ଦ୍ରୁତ ଗତିରେ ଫେରାର ହୋଇଯାଇଥିଲେ। ଏ ବାବଦରେ ସ୍ମୃତି ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୭୫୯/୨୬ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପରେ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶରେ ସୋର ଥାନାଧିକାରୀ ଅନୁରାଗ ମହାନ୍ତିଙ୍କ ନେତୃତ୍ୱରେ ଏସଆଇ ପ୍ରତିଜିତ ମହାନ୍ତି, ସୁଶୀଲ କୁମାର ମହନ୍ତ, କନେଷ୍ଟବଲ ଜୟସେନ ମୁଦୁଲି ଓ ମନୋଜ ବାରିକଙ୍କୁ ନେଇ ଗଠିତ ଦୁଇଟି ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ସହିତ ସିସିଟିଭି ଯାଂଚ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଏହି ସମୟରେ ଗତକାଲି ଉନ୍ନରେଶ୍ୱର ନିକଟରେ ଜଣେ ବ୍ୟକ୍ତିଙ୍କ ଠାରୁ ଲୁଟ ପାଇଁ ଉଦ୍ୟମ କରୁଥିବା ବେଳେ ଏହି ଟିମ ଦୁଇଜଣ ଲୁଟେରାଙ୍କୁ କାବୁ କରିଥିଲେ। ସେମାନଙ୍କୁ ଅଟକ ରଖି ପଚରାଉଚୁରା ପରେ ଲୁଟ କରିଥିବା ଗହଣାକୁ ସୋର ଅଡଙ୍ଗବଜାରରେ ଥିବା ଜ୍ୟୋସ୍ନା ଅଳଙ୍କାର ଗହଣା ଦୋକାନୀଙ୍କୁ ବିକ୍ରି କରିଥିବା ଜାଣିବାକୁ ପାଇ ଗହଣା ଦୋକାନୀଙ୍କ ସମେତ ଅନ୍ୟ ୪ଜଣ ଲୁଟେରାଙ୍କୁ ଗିରଫ କରିଥିଲେ। ସମସ୍ତ ୭ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୧ଟି ରୂପା ବ୍ରେସଲେଟ, ୭ଟି ମୋବାଇଲ ଫୋନ, ୧ଟି ସୁନା ଚେନ, ଏକ ହଳ ସୁନା କାନ ଫୁଲ, ନଗଦ ୩୦ ହଜାର ଟଙ୍କା ଏବଂ ଲୁଟରେ ବ୍ୟବହୃତ ହୋଇଥିବା ୩ଟି ବାଇକକୁ ଜବତ କରାଯାଇଛି। ଏହି ୬ଜଣ ଲୁଟେରାଙ୍କର ସୋର ସମେତ, ବାସୁଦେବପୁର, ଅନନ୍ତପୁର ଓ ଗୋପାଳପୁର ଥାନା ଅଂଚଳରେ ବିଭିନ୍ନ ଲୁଟ୍, ଛିନତାଇ ଓ ଚୋରି ଘଟଣାରେ ସଂପୃକ୍ତି ଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

# ଆନନ୍ଦପୁରକୁ ରେଳପଥ ସଂଯୋଗ ଦାବି:
## ତ୍ରିରଙ୍ଗା ଶୋଭାଯାତ୍ରା, ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ




ଆନନ୍ଦପୁର,୧୩/୧୦(ନି/ପ୍ର): ଆନନ୍ଦପୁରକୁ ରେଳପଥ ସହ ସଂଯୋଗ କରିବା ଦାବିରେ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଛି। ବାରିଗାଁସ୍ଥିତ ଧନେଇ ପୀଠରୁ ଏହି ଶୋଭାଯାତ୍ରା ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ରେଳପଥ ସଂଯୋଗ ଦାବି ନେଇ ଏକ ଦାବିପତ୍ର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଆନନ୍ଦପୁରକୁ ରେଳପଥ ସହ ସଂଯୋଗ କରିବା ପାଇଁ ୨୦୧୪ ମସିହାରୁ ଦାବି ହୋଇଆସୁଛି। ଦୀର୍ଘ ବର୍ଷ ଧରି ଏହି ଦାବି ଉଠିଆସୁଥିଲେ ମଧ୍ୟ ଏଯାଏଁ ଏହା ପୂରଣ ହୋଇପାରିନାହିଁ। ଏହି ଦାବିକୁ ନେଇ ଅଚଂଳବାସୀଙ୍କ ପକ୍ଷରୁ ବିଭିନ୍ନ ସମୟରେ ଧର୍ମଘଟ, ସଂକୀର୍ତ୍ତନ ଯାତ୍ରା ଓ ଦଣ୍ଡବତ ଯାତ୍ରା ଭଳି ଅଭିନବ ପ୍ରତିବାଦ କରାଯାଇଛି। ତଥାପି ପ୍ରତିବର୍ଷ ରେଳ ବଜେଟ୍‌ରେ ଆନନ୍ଦପୁରକୁ ରେଳପଥ ସଂଯୋଗ ନେଇ କୌଣସି ଆଶାଜନକ ଘୋଷଣା ନହେବାରୁ ଅଚଂଳବାସୀ ନିରାଶ ହୋଇଆସୁଛନ୍ତି। ରେଳପଥ ସଂଯୋଗ ହେଲେ ଯାତାୟାତ ସୁବିଧା ବୃଦ୍ଧି ସହ ଅଚଂଳର ବାଣିଜ୍ୟ, ପର୍ଯ୍ୟଟନ ଓ ଆର୍ଥିକ ବିକାଶକୁ ନୂଆ ଦିଗ ମିଳିପାରିବ ବୋଲି ଆଶା କରାଯାଉଛି। ଦୀର୍ଘ ୧୨ ବର୍ଷ ଧରି ଚାଲିଥିବା ଏହି ଦାବି ପ୍ରତି ସରକାର ଗୁରୁତ୍ୱ ଦେବା ସହ ଆନନ୍ଦପୁରକୁ ରେଳପଥ ସହ ସଂଯୋଗ କରିବା ଦିଗରେ ଠୋସ୍ ପଦକ୍ଷେପ ନେବାକୁ ଅଚଂଳବାସୀ ଦାବି କରିଛନ୍ତି।

# ମାଥିଲି ବ୍ଲକ ବିଜୁ ଜନତା ଦଳ ତରଫରୁ ଜନ ସମ୍ପର୍କ ପଦଯାତ୍ରା

ମାଲକାନଗିରି,୧୩/୧୦(ନି/ପ୍ର): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଓ ଜିଲ୍ଲା ସଭାପତି ମାନସ ମାଡକାମୀଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ବିଜୁ ଜନତା ଦଳ ତରଫରୁ ଜିଲ୍ଲା ପରିଷଦ ଜୋନ୍ - ୧ କାଆଙ୍ଗ ହାଟ ପଦା ଠାରେ ମାଥିଲି ବ୍ଲକ୍ ବିଜୁ ଜନତା ଦଳ ର ସଭାପତି ସଦା ଶିବ ପୂଜାରୀଙ୍କ ନେତୃତ୍ୱରେ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ଆଜିର ଜନ ସମ୍ପର୍କ ପଦଯାତ୍ରା ଅବସରରେ ମୁଖ୍ୟ ଅତିଥି ଭାବରେ ମାଲକାନଗିରି ଜିଲ୍ଲା ବିଜେଡି ସଭାପତି ପୂର୍ବତନ ବିଧାୟକ, ଜନ ଜାତି ସେଲ୍ ରାଜ୍ୟ ଉପ ସଭାପତି ତଥା ବରିଷ୍ଠ ମୁଖପାତ୍ର ମାନସ ମାଡକାମି ଯୋଗ ଦେଇ କହିଛନ୍ତି, ବିଜେଡି ସେବାରେ ବିଶ୍ୱାସ କରେ। ବିକାଶରେ ବିଶ୍ୱାସ କରେ। ବିଜେଡି ସରକାର ସମୟରେ ଦ୍ରୁତ ବିକାଶ ପାଇଁ ଓଡ଼ିଶା ସାରା ଦେଶରେ ଏକ ମଡେଲ୍ ରାଜ୍ୟ ହୋଇ ପାରିଥିଲା ଏ ଅପାରଗ ଡବଲ୍ ଇଞ୍ଜିନ୍ ବିଜେପି ସରକାର ଅଢ଼େଇ ବର୍ଷରେ ଓଡ଼ିଶାର ଛବିକୁ ପୁରା ମଳିନ କରି ସାରିଲାଣି। ପଦଯାତ୍ରା ସମୟରେ ଡବଲ୍ ଇଞ୍ଜିନ୍ ସରକାରର ବିଫଳତାକୁ ଘରେ ଘରେ ପହଂଚାଇ ଲୋକଙ୍କୁ ସଚେତନ କରିବା ପାଇଁ ଜିଲ୍ଲା ସଭାପତି ଶ୍ରୀ ମାଡକାମୀ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ଆୟୋଜିତ ମାଥିଲି ବ୍ଲକ ପରିଷଦ ଜୋନ୍ - ୧ ଜନ ସମ୍ପର୍କ ପଦଯାତ୍ରା ସମାବେଶରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତଥା ଜିଲ୍ଲା ବିଜୁ ମହିଳା ସଭାନେତ୍ରୀ ସମାରି ଟାଙ୍ଗୁଲ, ଜିଲ୍ଲା ପରିଷଦ ସଭ୍ୟା ତଥା ରାଜ୍ୟ ବିଜୁ ମହିଳା ସାଧାରଣ ସମ୍ପାଦିକା ଲକ୍ଷ୍ମୀପ୍ରିୟା ନାୟକ, ସଂଖ୍ୟା ଲଘୁ ସେଲ୍ ଜିଲ୍ଲା ସଭାପତି ରାଜେନ୍ଦ୍ର ଖସଲା, ଜିଲ୍ଲା ଯୁବ ସଭା ପତି ଶ୍ରୀନିବାଶ ମୁଦୁଲି, ମାଲକାନଗିରି ବିଜେଡି ଜିଲ୍ଲା ଉପ ସଭାପତି ଉଦୟ ନାଥ ମାଦ୍ରୀ, ଜିଲ୍ଲା ବିଜୁ ମହିଳା ଉପ ସଭା ନେତ୍ରୀ ତଥା ମେକା ସରପଂଚ ରଞ୍ଜିତା ପୂଜାରୀ, ଜିଲ୍ଲା ବିଜୁ ମହିଳା ସାଧାରଣ ସମ୍ପାଦିକା ପ୍ରଶାନ୍ତିଲତା ବିଶୋଇ, ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ମାଝୀ, ବିଜେଡି ବରିଷ୍ଠ ନେତା ତଥା ମାଲକାନଗିରି ବ୍ଲକ ସଭାପତି ସର୍ବ କୁମାର ବିଶୋଇ, ବରିଷ୍ଠ ଯୁବ ନେତା ରାଜ ନାୟକ, ଜିଲ୍ଲା ସମ୍ପାଦକ ସଦାନନ୍ଦ ଖରା, ମାଥିଲି ବ୍ଲକ ବିଜୁ ମହିଳା ସଭାନେତ୍ରୀ ମଞ୍ଜୁ ଗୌଡ଼ ପ୍ରମୁଖ ଙ୍କ ସହ ବିଜୁ ଜନତା ଦଳର ସମସ୍ତ ବରିଷ୍ଠ ନେତା ଏବଂ ସମସ୍ତ ସରପଂଚ, ସମିତି ସଭ୍ୟ, ସଭ୍ୟା ଙ୍କ ସହ ଦୁଇ ହଜାରରୁ ଉର୍ଦ୍ଧ୍ୱ ଜନ ସାଧାରଣ ଉପସ୍ଥିତ ଥିଲେ।

# ଛାତ୍ର ସଂସଦ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ, ଅବାଧ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ କେନ୍ଦୁଝର ପୋଲିସ ପକ୍ଷରୁ ପ୍ରସ୍ତୁତି ବୈଠକ

କେନ୍ଦୁଝର,୧୩/୧୦(ନି/ପ୍ର): ଆଗାମୀ ଛାତ୍ର ସଂସଦ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ, ଅବାଧ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ କେନ୍ଦୁଝର ପୋଲିସ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କେନ୍ଦୁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ ଏବଂ ସରକାରୀ ମହିଳା ମହାବିଦ୍ୟାଳୟରେ ପୃଥକ୍ ପୃଥକ୍ ଭାବେ ଏହି ବୈଠକ ହୋଇଥିଲା। ଏଥିରେ ସଦର ଏସ୍ଡିପିଓ ଓ କେନ୍ଦୁଝର ଟାଉନ୍ ଥାନା ଆଇଆଇସିଙ୍କ ସମେତ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ ଏବଂ ନିର୍ବାଚନ ଅଧିକାରୀମାନେ ଯୋଗଦେଇଥିଲେ। ବୈଠକରେ ନିର୍ବାଚନର ସୁଚାରୁ ରୂପେ ପରିଚାଳନା, ଶୃଙ୍ଖଳା ରକ୍ଷା, ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଓ ସମ୍ଭାବ୍ୟ ଅପ୍ରୀତିକର ଘଟଣାକୁ ଏଡ଼ାଇବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିସହ ନିର୍ବାଚନ ସମୟରେ ଅନୁସରଣ କରିବାକୁ ଥିବା ନିୟମାବଳୀ ଏବଂ କରଣୀୟ ଓ ଅକରଣୀୟ ସମ୍ପର୍କରେ ଛାତ୍ରଛାତ୍ରୀ, ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଓ ନିର୍ବାଚନ ଅଧିକାରୀ ଆବଶ୍ୟକ ପରାମର୍ଶ ଦିଆଯାଇଥିଲା। ନିର୍ବାଚନ ସମୟରେ ଶାନ୍ତି ଓ ଶୃଙ୍ଖଳା ବଜାୟ ରଖିବା, ପରସ୍ପର ପ୍ରତି ସମ୍ମାନ ପ୍ରଦର୍ଶନ କରିବା ଏବଂ ଗଣ୍ଡଗୋଳ, ଧମକ କିମ୍ବା ଉତେଜନା ସୃଷ୍ଟିକାରୀ କାର୍ଯ୍ୟରୁ ଦୂରେଇ ରହିବାକୁ ପୋଲିସ ପକ୍ଷରୁ କୁହାଯାଇଥିଲା। ଏଥିସହ ନିର୍ବାଚନ ପରିଚାଳନା ସମୟରେ କୌଣସି ସମସ୍ୟା କିମ୍ବା । ଅଶାନ୍ତିର ଆଶଙ୍କା ଦେଖାଦେଲେ ତୁରନ୍ତ ପୋଲିସକୁ ଅବଗତ କରାଇବାକୁ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଓ ନିର୍ବାଚନ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ଛାତ୍ର ସଂସଦ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ଓ ଘଟଣାମୁକ୍ ଟଣାମୁକ୍ତ ଭାବେ ସମ୍ପନ୍ନ କରିବା ପାଇଁ ସମସ୍ତ ଆବଶ୍ୟକୀୟ ସୁରକ୍ଷା ଓ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରାଯିବ । ବୋଲି କେନ୍ଦୁଝର ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି। ନିର୍ବାଚନ ପ୍ରକ୍ରିୟାରେ ବାଧା ସୃଷ୍ଟି କିମ୍ବା ଆଇନଶୃଙ୍ଖଳା ଭଙ୍ଗ କରିବାକୁ ଉଦ୍ୟମ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ନିର୍ବାଚନକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ଛାତ୍ରଛାତ୍ରୀ ଓ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ସହଯୋଗ କାମନା କରିଛନ୍ତି ଟାଉନ ଥାନା ଆଇଆଇ ଆଇସି ଶ୍ରୀକାନ୍ତି ସାହୁ।

# ରାଣୀତାଲ ଡାକ୍ତରଖାନା ରାସ୍ତା ମରଣଯନ୍ତା

ଭଦ୍ରକ, ୧୩/୧୦(ନି/ପ୍ର): ଭଦ୍ରକ ବ୍ଲକ ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ରାଣୀତାଲ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର। ଜାତୀୟ ରାଜପଥରୁ ଡାକ୍ତରଖାନାକୁ ଯାଇଥିବା ରାସ୍ତା ଏବେ ପାଲଟିଛି ମରଣ ଯନ୍ତା। ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟି ଲୋକମାନେ ଖଣ୍ଡିଆ ଖାବରା ହେଉଛନ୍ତି। ରାସ୍ତା ତୀକ୍ଷ୍ଣ ଓ ଖାଲ ଢିପରେ ପୁରି ଥିବା ଯୋଗୁ କେବଳ ଯେ ଗାଡି ବାଲା ଦୁର୍ଘଟଣାର ଶିକାର ହେଉଛନ୍ତି ତାହା ନୁହଁ ଚାଲି ଚାଲି ଯାଉଥିବା ବୃଦ୍ଧ ଓ ସ୍ତ୍ରୀ ଲୋକ ମାନେ ପଡି ଆହତ ହେଉଥିବା ଜଣାପଡିଛି। ଏହି ରାସ୍ତାଟି କେବଳ ଯେ ଡାକ୍ତରଖାନା ସହ ଜଡିତ ତାହା ନୁହଁ ରାଣୀତାଲ କେନାଲକୁ ଲାଗିଥିବା ଏହି ରାସ୍ତା ସ୍ଥାନୀୟ ବାସିନ୍ଦାଙ୍କ ଦୁଃଖର କାରଣ ପାଲଟିଛି। ଏଥିପ୍ରତି ଡାକ୍ତରଖାନା କର୍ତୃପକ୍ଷ ଦୃଷ୍ଟି ଦେଉଛନ୍ତି ନା ଜିଲ୍ଲା ପ୍ରଶାସନ। ପ୍ରତିଦିନ ଶହ ଶହ ରୋଗୀ ଆସୁଥିବା ଏହି ଡାକ୍ତରଖାନା ରାସ୍ତାର ଶୀଘ୍ର ମରାମତି ପାଇଁ ସାମ୍ବାଦିକ ନଗେନ୍ଦ୍ର ପାଣି ଓ ସମାଜସେବୀ ସଂଗ୍ରାମ କର ଦାବୀ କରିଛନ୍ତି।

# ବିବିଧା

## ରାଶିଫଳ

ମେଷ: ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ନିଜ ଲୋକ ଶତ୍ରୁ ସାଜିବେ। ପରିବାର ଲୋକଙ୍କ ସହିତ ସମୟ ବିତାଇବେ। କୋର୍ଟ କଚେରୀ ମାମଲାର ସମାଧାନ ହେବ।

ବୃଷ: ବ୍ୟସ୍ତତା ଭିତରେ ଦିନଟି କଟିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିବ। ଚକ୍ଷୁଜନିତ ସମସ୍ୟା ଭୋଗିପାରନ୍ତି। ଯୋଗ ଏବଂ ପ୍ରାଣାୟମ କରନ୍ତୁ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ।

ମିଥୁନ: ସମ୍ପର୍କୀୟଙ୍କ ସହିତ ଭେଟ ହେବ। ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। କ୍ରୋଧ ନିୟନ୍ତ୍ରଣ ରଖନ୍ତୁ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ପାରିବାରିକ ଜୀବନ ସୁଖମୟ ହେବ।

କର୍କଟ: ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ଅଫିସ୍ କର୍ମୀଙ୍କ ସହଯୋଗ ମିଳିବ। ପେଟଜନିତ ସମସ୍ୟା ଦେଖାଦେବ। ଉଧାର ଧନ ଫେରିପାଇବେ।

ସିଂହ: ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି। କଳା ଓ ସଙ୍ଗୀତ ପ୍ରତି ରୁଚି ବଢ଼ିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ।

କନ୍ୟା: ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

ତୁଳା: ସରକାରୀ ଚାକିରିଆଙ୍କ ପାଇଁ ଦିନଟି ଭଲ। ଯେକୌଣସି ପରିସ୍ଥିତିକୁ ମୁକାବିଲା କରନ୍ତୁ। ଧାର କରଜ କରିବାରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

ବିଛା: ଧନଧାନ ବୃଦ୍ଧି ହେବ। ଭାବପ୍ରବଣ ହୋଇ ଭୁଲ୍ ନିଷ୍ପତ୍ତି ନେଇ ପାରନ୍ତି। ନୂତନ ବ୍ୟବସାୟ ପୂର୍ବରୁ ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତୁ। ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ଇଚ୍ଛା ପୂରଣ ହେବ।

ଧନୁ: ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

ମକର: ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

କୁମ୍ଭ: ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

ମୀନ: ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୭୬୨- ବ୍ରିଟିଶ୍ ସୈନିକ ଫିଲିପାଇନ୍ସର ମାନିଲାକୁ କବ୍‌ଜା କଲେ।
- ୧୯୧୨- ଆମେରିକୀୟ ସେନା ନିକାରଗୁଆ ସହର ଲିୟୋନ ଉପରେ କବ୍‌ଜା କଲା।
- ୧୯୮୩- ପଞ୍ଜାବରେ ରାଷ୍ଟ୍ରପତି ଶାସନ ଲାଗୁ କରାଗଲା।
- ୧୯୮୭- ଫିଜି ଗଣରାଜ୍ୟ ଭାବେ ଘୋଷିତ ହେଲା।
- ୧୯୯୯- ସଂଯୁକ୍ତ ରାଷ୍ଟ୍ର ନିରସ୍ତ୍ରୀକରଣ ସମ୍ମିଳନୀ ଭିଏନାରେ ଆରମ୍ଭ ହେଲା।

## ସ୍ୱାସ୍ଥ୍ୟ ଖରାପ କରୁଛି ହ୍ୟାଣ୍ଡ ଡ୍ରାୟର



ସାଧାରଣତଃ ହାତ ଧୋଇବା ପରେ ଏହାକୁ ପୋଛି ଶୁଖାଇବା ପାଇଁ ଲୋକେ ପେପର୍ ଟାୱେଲ, ରୁମାଲ୍, ଟିସୁ ଆଦି ବ୍ୟବହାର କରନ୍ତି। ହେଲେ ଆଜିକାଲି ଅନେକ ଶୌଚାଳୟରେ ହାତକୁ ଶୁଖାଇବା ପାଇଁ ହ୍ୟାଣ୍ଡ ଡ୍ରାୟର ବ୍ୟବହାର କରାଯାଉଛି। ହାତକୁ ଶୁଖାଇବା ପାଇଁ ଏହା ବେଶ୍ ସୁବିଧା ଉପାୟ ବୋଲି ଲୋକେ ଭାବୁଛନ୍ତି। ହେଲେ ଅନେକ ଗବେଷଣାରୁ ଜଣାପଡ଼ିଛି ଯେ, ସର୍ବସାଧାରଣ ସ୍ଥାନରେ ଲଗାଯାଉଥିବା ହ୍ୟାଣ୍ଡ ଡ୍ରାୟର ଆଦୌ ସୁରକ୍ଷିତ ନୁହେଁ। ବାୟୋଲୋଜିଷ୍ଟ ଡା. ଲାରା ଗୋଞ୍ଜାଲେଜ୍ ସର୍ବସାଧାରଣ ସ୍ଥାନରେ ଲାଗିଥିବା ହ୍ୟାଣ୍ଡ ଡ୍ରାୟରର ବିପଦ ସମ୍ପର୍କରେ ଲୋକଙ୍କୁ ଚେତାଇଛନ୍ତି। ଶୌଚାଳୟରେ ପୂର୍ବରୁ ହିଁ ଜୀବାଣୁ ଏବଂ ଭୂତାଣୁ ଆଦି ଥାନ୍ତି। ଯେତେବେଳେ ହ୍ୟାଣ୍ଡ ଡ୍ରାୟର ବ୍ୟବହାର କରାଯାଏ, ଏହା ଟଏଲେଟ୍‌ରୁ ବାହାରୁଥିବା ମାଇକ୍ରୋଅର୍ଗାନିଜମ୍‌କୁ ଟାଣିଥାଏ। ଫଳରେ ଏହା ସିଧାସଳଖ ହାତକୁ ଆସେ। ସେହିପରି ଏହା କେବଳ ହାତକୁ ନୁହେଁ, ବରଂ ପୂରା ଶୌଚାଳୟକୁ ଅପରିଷ୍କାର କରିଥାଏ। ଅନ୍ୟପଟେ ଅଧିକ ପବନ ଯୁକ୍ତ ଜେଟ୍ ଡ୍ରାୟର ଏହି ବିପଦକୁ ଆହୁରି ବଢ଼ାଇ ଦିଏ। କାରଣ ଏହି ଦୂଷିତ କଣିକା, ହାତ, ପୋଷାକ ଏବଂ ଆଖପାଖ ଜିନିଷରେ ବ୍ୟାପିଯାଏ। ଏହାଦ୍ୱାରା ଡ୍ରାୟର ବ୍ୟବହାର କରୁଥିବା ଲୋକେ ଜୀବାଣୁର ଅଧିକ ନିକଟବର୍ତ୍ତୀ ହୋଇଥାନ୍ତି। ଏହି ଡ୍ରାୟର ଛୋଟ ପିଲା ଓ ବୟସ୍କଙ୍କ ପାଇଁ ଅଧିକ ବିପଜ୍ଜନକ କାରଣ ସେମାନଙ୍କର ରୋଗପ୍ରତିରୋଧକ ଶକ୍ତି କମ୍ ହୋଇଥିବାରୁ ଏଥିରୁ ସେମାନଙ୍କୁ ସଂକ୍ରମଣ ହେବା ଆଶଙ୍କା ଅଧିକ ଥାଏ। ସେହିପରି ଏହାକୁ ମଧୁମେହ, କର୍କଟ କିମ୍ବା ଅନ୍ୟ ରୋଗରେ ପୀଡ଼ିତ ଲୋକେ ବ୍ୟବହାର କରିବା ଅନୁଚିତ। କାରଣ ଏମାନଙ୍କର ରୋଗପ୍ରତିରୋଧକ ଶକ୍ତି କମ୍ ଥାଏ। ଏହାବାଦ୍ ଫୁଡ୍ ଇଣ୍ଡଷ୍ଟ୍ରି, ହସ୍‌ପିଟାଲ, ଏବଂ କ୍ଲିନିକ୍‌ରେ କାମ କରୁଥିବା ଲୋକେ ମଧ୍ୟ ଏହାଦ୍ୱାରା ଶୀଘ୍ର ସଂକ୍ରମିତ ହେବା ଆଶଙ୍କା ଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ହାତ ଶୁଖାଇବା ପାଇଁ ପେପର ଟାୱେଲ ସବୁଠୁ ସୁରକ୍ଷିତ। କାରଣ ଏହା ଶୀଘ୍ର ହାତର ଆର୍ଦ୍ରତାକୁ ଶୋଷି ନିଏ। ସବୁଠୁ ବଡ଼ କଥା ହେଲା, ଏହାଦ୍ୱାରା ଜୀବାଣୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବ୍ୟାପିବା ଆଶଙ୍କା କମ୍ ଥାଏ।

## ବିଚିତ୍ର ବିଶ୍ୱର ପରମ୍ପରା

## ବିନା ବରରେ ବିବାହ



ବିବାହକୁ ନେଇ ଆମ ଦେଶରେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ରୀତିନୀତି, ପ୍ରଥା, ପରମ୍ପରା ଦେଖିବାକୁ ମିଳିଥାଏ। ଏହି କ୍ରମରେ ହିମାଚଳ ପ୍ରଦେଶରେ ମଧ୍ୟ ବିବାହକୁ ନେଇ ଏକ ନିଆରା ପରମ୍ପରା ପ୍ରଚଳିତ। ଖଞ୍ଜର ବିବାହ ନାମରେ ପରିଚିତ ଏହି ପରମ୍ପରା ହିମାଚଳ ପ୍ରଦେଶର କୁଲ୍ଲୁ, ଶିମ୍‌ଲା, କିନ୍ନୌର ଅଞ୍ଚଳରେ ଦେଖିବାକୁ ମିଳିଥାଏ। ଏହି ପରମ୍ପରା ଅନୁଯାୟୀ, ବିବାହ ପାଇଁ ବର, କନିଆ ଘରକୁ ଯାଇ ନ ଥାଏ। ବର ବଦଳରେ ଛୁରୀ ବରଯାତ୍ରୀ ସହ କନିଆ ଘରକୁ ଯାଇଥାଏ। ଏହି ଛୁରୀକୁ ବରର ପ୍ରତୀକ ଭାବେ ଜଣାଯାଏ। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ବିବାହ ସମୟରେ ବର ଘରୁ ମଧ୍ୟ ବାହାରି ନ ଥାଏ। ଅନ୍ୟ ବିବାହ ଭଳି ଏଥିରେ ରୋଷଣି, ନୃତ୍ୟ, ଗୀତର ଆସର ଦେଖିବାକୁ ମିଳେନାହିଁ। ବରପକ୍ଷରୁ ୫,୭ କିମ୍ବା ୧୧ ଜଣ କନିଆ ଘରକୁ ଯାଇଥାନ୍ତି। ଏହି ଦଳର ନେତୃତ୍ୱ ବରର ବଡ଼ ଭାଇ କିମ୍ବା କେହି ନିକଟ ସମ୍ପର୍କୀୟ ନେଇଥାନ୍ତି। ବରର ପ୍ରତୀକାତ୍ମକ ଭାବେ ସେହି ଛୁରୀଟି ସେ ସଙ୍ଗରେ ନେଇଥାନ୍ତି। ବର, ବଦଳରେ ଛୁରୀରେ ବିବାହର ସମସ୍ତ ରୀତିନୀତି କରାଯାଇଥାଏ। କନିଆ ଘରେ ହଳଦୀ, ମେହେନ୍ଦୀ ବିଭିନ୍ନ ପରମ୍ପରା ଛୁରୀ ସାହାଯ୍ୟରେ କରାଯାଇଥାଏ। ସମସ୍ତ ରୀତିନୀତି ପୂର୍ଣ୍ଣ ହେବା ପରେ, ଛୁରୀକୁ ସାଥିରେ ନେଇ କନିଆ ବର ଘରକୁ ଯାଇଥାଏ। ସେଠାରେ ସେ ପ୍ରଥମ କରି ବରକୁ ଦେଖେ। ବାହାଘରର ଶେଷ ରୀତିନୀତିଗୁଡ଼ିକ ବର ଘରେ କରାଯାଏ। ବର ଛୁରୀ ନେଇ କନିଆ ମଥାରେ ସିନ୍ଦୂର ଦିଏ। କୁହାଯାଏ, ଏହି ପରମ୍ପରା ଆର୍ଥିକ ସମସ୍ୟାକୁ ଦୃଷ୍ଟିରେ ରଖି ଆରମ୍ଭ ହୋଇଥିଲା। ହିମାଚଳ ପ୍ରଦେଶ ଭଳି ପାହାଡ଼ିଆ ଅଞ୍ଚଳରେ ଭୋଜିଭାତ, ଭବ୍ୟ ରୋଷଣି ଆଦି କରିବା କଠିନ ଓ ବ୍ୟୟବହୁଳ ହୋଇଥାଏ। ତେଣୁ କନିଆ ଘର ଉପରେ ଆର୍ଥିକ ବୋଝ ନ ପଡ଼ିବା ପାଇଁ ଏହି ପରମ୍ପରାର ଆରମ୍ଭ କରାଯାଇଥିଲା। ସେହିଭଳି ଏଠାରେ ପ୍ରଚଳିତ ଆଉ କିଛି ଲୋକକଥା ଅନୁସାରେ, ହିମାଚଳର ଘାଟି ଅଞ୍ଚଳରେ ବର ବିବାହ ପାଇଁ କନିଆ ଘରକୁ ଯିବାକୁ ଲୋକେ ସୁରକ୍ଷିତ ମନେ କରୁ ନ ଥିଲେ। ସେଥିପାଇଁ ଏଭଳି ଏକ ପ୍ରଥାର ଆରମ୍ଭ କରାଯାଇଥିବା କୁହାଯାଏ। ସେହିପରି ଏଠାରେ ପ୍ରଚଳିତ ଅନ୍ୟ ଲୋକକଥା ଅନୁସାରେ, ଛୁରୀକୁ କନିଆର ରକ୍ଷକ କୁହାଯାଏ। ଏହା କନିଆକୁ ଏକ ନୂଆ ଘରକୁ ଯିବା ପୂର୍ବରୁ ସବୁପ୍ରକାର ନକାରାତ୍ମକତାରୁ ରକ୍ଷା କରିଥାଏ ବୋଲି ବିଶ୍ୱାସ ରହିଛି। ଅବଶ୍ୟ ଏବେ ଏଠାରେ ଏଭଳି ବିବାହ ବହୁତ କମ୍ ଦେଖିବାକୁ ମିଳୁଛି। ଏହା କେବଳ ପାହାଡ଼ିଆ ଘାଟି ଅଞ୍ଚଳରେ ଦେଖିବାକୁ ମିଳୁଛି।

## 'ଫୋର୍ସ ୩'ରେ ମୀନାକ୍ଷୀ



ଦୀର୍ଘ ନଅ ବର୍ଷ ପରେ ଜନ୍ ଅବ୍ରାହମ୍‌ଙ୍କ 'ଫୋର୍ସ' ସିରିଜ୍‌ର ତୃତୀୟ ଫିଲ୍ମ 'ଫୋର୍ସ ୩' ଆସିବାକୁ ଯାଉଛି। ୨୦୨୨ରେ ଜନ୍ 'ଫୋର୍ସ'ର ରାଇଟ୍‌ସ କିଣିବା ସହ ଏହି ସିରିଜ୍‌ର ତୃତୀୟ ଫିଲ୍ମ ଖୁବ୍ ଶୀଘ୍ର ଆଣିବେ ବୋଲି ଚର୍ଚ୍ଚା ଜୋର୍ ଧରିଥିଲା। ଇତିମଧ୍ୟରେ ଏହି ଫିଲ୍ମକୁ ନେଇ ଏକ ଖବର ଆସିଛି। ଫିଲ୍ମର ପ୍ରିପ୍ରଡକ୍ସନ କାମ ସରିଯାଇଛି। ଆସନ୍ତା ନଭେମ୍ବରରୁ ଏହାର ସୁଟିଂ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ସବୁଠୁ ବଡ଼ କଥା ହେଉଛି, ଏହାର ହିରୋଇନ୍‌ଙ୍କୁ ଇତିମଧ୍ୟରେ ଫାଇନାଲ କରାଯାଉଛି। ସାଉଥ୍‌ର ଲୋକପ୍ରିୟ ଅଭିନେତ୍ରୀ ମିନାକ୍ଷୀ ଚୌଧୁରୀଙ୍କୁ ଏଥିରେ ନାୟିକା ପାଇଁ ଫାଇନାଲ କରାଯାଇଛି। ତେବେ ୨୮ ବର୍ଷୀୟା ମିନାକ୍ଷୀ ପ୍ରଥମ ଥର ପାଇଁ ୫୨ ବର୍ଷୀୟ ଜନ୍‌ଙ୍କ ସହ ପରଦା ଉପରେ ଏକାଠି ନଜର ଆସିବେ। ଏହି ଫିଲ୍ମ ମାଧ୍ୟମରେ ମୀନାକ୍ଷୀ ବଲିଉଡ୍‌ରେ ଡେବ୍ୟୁ କରିବେ। ଭବ ଧୂଲିଆଙ୍କ ନିର୍ଦ୍ଦେଶିତ 'ଫୋର୍ସ ୩' ଏକ ଆକ୍ସନ୍ ଭିତ୍ତିକ ଡ୍ରାମା ହେବ। ଜନ୍ ଏବେ ରାକେଶ ମାରିଆଙ୍କ ବାୟୋପିକ୍ ଫିଲ୍ମର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏହାର ସୁଟିଂ ଅକ୍ଟୋବର ଶେଷ ବେଳକୁ ସରିଯିବ। ଏହାପରେ ଜନ୍ 'ଫୋର୍ସ ୩'ର ସୁଟିଂ ଆରମ୍ଭ କରିବେ।

## କୁମାର ପୂର୍ଣ୍ଣିମା



**ଆଶ୍ୱିନ ମାସ ପୂର୍ଣ୍ଣିମା ତିଥିରେ ପାଳନ କରାଯାଏ କୁମାର ପୂର୍ଣ୍ଣିମା। ଏହା ଶରତ ପୂର୍ଣ୍ଣିମା ଭାବେ ମଧ୍ୟ ପରିଚିତ। ଏହିଦିନ ମା' ଲକ୍ଷ୍ମୀଙ୍କର ଆରାଧନା କରାଯାଉଥିବାରୁ ଏହାକୁ ଗଜଲକ୍ଷ୍ମୀ ପୂଜା କୁହାଯାଏ। ଏହାକୁ ମୁଖ୍ୟତଃ କୁମାରୀ କନ୍ୟାମାନଙ୍କର ପର୍ବ ରୂପେ ବିବେଚନା କରାଯାଏ।**

କୁମାରୀମାନେ କାର୍ତ୍ତିକେୟଙ୍କ ଭଳି ସୁନ୍ଦର ଜୀବନସାଥୀ ପାଇବା ପାଇଁ ଏହାକୁ ପାଳନ କରନ୍ତି। ଏହିଦିନ ପୂଜା କଲେ ଭଲ ବର ମିଳେ ବୋଲି ବିଶ୍ୱାସ ରହିଛି। ସନ୍ଧ୍ୟାରେ ଜହ୍ନ ଆସିଲେ କୁମାରୀ ମାନେ ଚାନ୍ଦ ପୂଜା କରନ୍ତି। ସେହିପରି ଏହିଦିନ ତୁଳସୀ ଚଉରା, ଚନ୍ଦ୍ର , ସୂର୍ଯ୍ୟ ଓ କାର୍ତ୍ତିକଙ୍କର ପୂଜା କରାଯାଇ ଧନ, ଯଶ ଓ ପୌରୁଷ କାମନା କରାଯାଏ। ଅନ୍ୟପଟେ କୁମାରୀମାନେ ବଡ଼ି ଭୋରରୁ ଉଠି ସ୍ନାନକର୍ମ ସାରି ନୂତନ ବସ୍ତ୍ର ପରିଧାନ କରନ୍ତି। ଏହାପରେ ବୃନ୍ଦାବତୀଙ୍କ ପାଖରେ ଆଞ୍ଜୁଳାରେ ସାତ ପ୍ରକାର ଫଳ ନେଇ ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଅର୍ପଣ କରନ୍ତି। ଏହାକୁ ଆଞ୍ଜୁଳା ଟେକା କୁହାଯାଏ। ଏହାବାଦ୍ ଚଉରା ମୂଳ ଲିପି ଝୋଟିଚିତା ପକାନ୍ତି। ଖଇ, ଗୁଆ, କଦଳି, କସି କାକୁଡ଼ି, ନଡ଼ିଆ, ଜହ୍ନି, ଆଖୁ ଆଦି ଫଳ ଫୁଲ ପୂଜା କରାଯାଏ। ତେବେ ସନ୍ଧ୍ୟାରେ କୁମାରୀମାନେ ଏକତ୍ର ହୋଇ ଚଉରା ମୂଳେ ଚାନ୍ଦ ପୂଜା କରନ୍ତି। ଭୋଗ ପାଇଁ ଖଇ, ନଡ଼ିଆ, କଦଳୀ, ଛେନା, ଦହି, କ୍ଷୀର ଆଦି ମିଶାଇ ଚକଟା ପ୍ରସ୍ତୁତ କରାଯାଏ। ଏହାକୁ ଚାନ୍ଦ ଚକଟା କୁହାଯାଏ। ଏହି ଚକଟା ପୁନେଇଁ ଜହ୍ନରେ ଭୋଗ ଲାଗି ହୁଏ। ପୂଜା ସରିଲା ପରେ ଭୋଗ ଖାଇ କୁମାରୀ କନ୍ୟାମାନେ ଉପବାସ ଭାଙ୍ଗିଥାନ୍ତି। ପୂଜା ପରେ ଗାଁ ଗହଳିର ଝିଅମାନେ ଗୀତ ଗାଇ ପୁଚି ଖେଳିଥାନ୍ତି।




## ପବିତ୍ର କାର୍ତ୍ତିକ ମାସ

ଆରମ୍ଭ ହେବ ପବିତ୍ର କାର୍ତ୍ତିକ ମାସ। ଭଗବାନ ବିଷ୍ଣୁ ଏବଂ ଲକ୍ଷ୍ମୀ ମା'ଙ୍କ ପ୍ରିୟ ମାସ ହେଉଛି କାର୍ତ୍ତିକ। ଏହି ମାସରେ ତୁଳସୀ ପୂଜାର ସ୍ୱତନ୍ତ୍ର ବିଧାନ ଅଛି। କୁହାଯାଏ, ଏହି ମାସରେ ଭଗବାନ ବିଷ୍ଣୁ ଯୋଗନିଦ୍ରାରୁ ଜାଗ୍ରତ ହୁଅନ୍ତି। ଉକ୍ତ ମାସରେ ମା' ଲକ୍ଷ୍ମୀ ଧରାପୃଷ୍ଠରେ ଭ୍ରମଣ କରନ୍ତି ଏବଂ ଭକ୍ତଙ୍କୁ ଅପାର ଧନ ଦିଅନ୍ତି। ତେବେ କାର୍ତ୍ତିକ ମାସରେ ତୁଳସୀ ପୂଜାର ବିଶେଷ ମହତ୍ତ୍ୱ ଅଛି। ଏଣୁ ଏହି ମାସ ତୁଳସୀ ଗଛ ଲଗାଇବାର ସର୍ବୋତ୍ତମ ସମୟ। ଏହି ମାସରେ ତୁଳସୀ ପୂଜା କରିବା ଦ୍ୱାରା ସମସ୍ତ ମନସ୍କାମନା ପୂରଣ ହୁଏ। ଘର ଅଗଣାର ମଝାମଝିରେ ତୁଳସୀ ଗଛ ଲଗାଇବା ଉଚିତ। ଏହାକୁ ଶୋଇବା ଘର ନଚେତ୍ ବାଲକୋନିରେ ଲଗାଇପାରିବେ। ପ୍ରାତଃକାଳରେ ତୁଳସୀ ଚଉଁରା ମୂଳେ ଜଳ ଅର୍ପଣ କରନ୍ତୁ ଏବଂ ଏହାର ଚତୁଃପାର୍ଶ୍ୱରେ ବେଢ଼ା କରନ୍ତୁ। ସେହିପରି କାର୍ତ୍ତିକ ମାସରେ ନିୟମିତ ସକାଳେ ଓ ସନ୍ଧ୍ୟାରେ ଘିଅ ଦୀପ ପ୍ରଜ୍ୱଳନ କରିବା ଉଚିତ। ତୁଳସୀ ପୂଜା ସମୟରେ ତୁଳସୀ ମନ୍ତ୍ର ଅବଶ୍ୟ ଉଚ୍ଚାରଣ କରନ୍ତୁ। ଏହାସହ ତୁଳସୀ ଚଉଁରାରେ ସ୍ୱସ୍ତିକ ଚିହ୍ନ ଅଙ୍କନ କରିବା ଶୁଭ ବୋଲି କୁହାଯାଏ। ମଙ୍ଗଳବାର ଦିନ ତୁଳସୀ ପତ୍ରକୁ ହନୁମାନଙ୍କଠାରେ ଲାଗି କଲେ ଧନ ପ୍ରାପ୍ତି ହୁଏ। ଅନ୍ୟପଟେ କାର୍ତ୍ତିକ ମାସରେ ଖାଦ୍ୟରେ ତୁଳସୀ ପତ୍ର ଉପଯୋଗ କଲେ ଘରେ ଶସ୍ୟର ଅଭାବ ରହେ ନାହିଁ।



## ଶ୍ରୀମଦ୍ ଭାଗବତରେ ପୁରଞ୍ଜନ ଉପାଖ୍ୟାନ

ଶିବନାରାୟଣ ମହାପାତ୍ର

('ଶ୍ରୀମଦ୍ ଭାଗବତରେ ପୁରଞ୍ଜନ ଉପାଖ୍ୟାନ'ର ଗତ ସଂସ୍କରଣରେ 'ପୁରଞ୍ଜନ ଉପାଖ୍ୟାନ' ନାମ କିଭଳି ହେଲା ସେ ସମ୍ପର୍କରେ କୁହାଯାଇଥିଲା। ଏଥର ପୁରଞ୍ଜନ ଉପାଖ୍ୟାନ ସମ୍ପର୍କରେ କୁହାଯାଇଛି)

ଉପାଖ୍ୟାନଟି ଏହିପରି:

ପୁରଞ୍ଜନ ଓ ଅଭିଜ୍ଞାତ ଦୁଇ ଜଣ ପରମ ମିତ୍ର ଥିଲେ ଏବଂ ସେମାନଙ୍କର ସମ୍ପର୍କ ଅତି ନିବିଡ ଥିଲା। ଅଭିଜ୍ଞାତ ସହିତ ମିଶିକରି ଥିବା ପର୍ଯ୍ୟନ୍ତ ପୁରଞ୍ଜନର ସମୟ ଅତି ସୁନ୍ଦର ଭାବରେ ଅତିବାହିତ ହେଉଥିଲା ଏବଂ ସେ ଆନନ୍ଦିତ ଥିଲା।

ଏକଦା ପୁରଞ୍ଜନର ସହର ଭ୍ରମଣ ପାଇଁ ଇଚ୍ଛା ହେଲା। ବିଭିନ୍ନ ସହର ପରିଭ୍ରମଣ କରି ପୁରଞ୍ଜନ ହିମାଳୟର ଦକ୍ଷିଣ ଦିଗରେ ଥିବା ଏକ ସହରରେ ପହଞ୍ଚିଲା। ସେହି ସହରରେ ନବଦ୍ୱାର ବିଶିଷ୍ଟ ଏକ ଦ୍ୱି ତଳ ପ୍ରାସାଦ ଦେଖିଲା। ସେହି ପ୍ରାସାଦରେ ଉପରେ ସାତ ଗୋଟି ଓ ତଳେ ଦୁଇ ଗୋଟି, ଏ ଭଳି ୯ ଗୋଟି ଦ୍ୱାର ଥିଲା। ସେହି ପ୍ରାସାଦର ପାଞ୍ଚ ଗୋଟି ପ୍ରାଚୀର ମଧ୍ୟ ଥିଲା।

ସେହି ପ୍ରାସାଦ ଭିତରେ ଜଣେ ସୁନ୍ଦରୀ କନ୍ୟା ବାସ କରୁ ଥିଲା - ତା'ର ନାମ ପୁରଞ୍ଜନୀ। ପୁରଞ୍ଜନୀଙ୍କୁ ପାଞ୍ଚ ଫଣା ବିଶିଷ୍ଟ ଏକ ସର୍ପ ଘେରି ରହି ଥିଲା। ପୁରଞ୍ଜନୀର ଦଶ ଜଣ ଅଙ୍ଗ ରକ୍ଷକ ଓ ଜଣେ ସେନାପତି ଥିଲେ। ପୁରଞ୍ଜନୀ ଦୁଇ ଚକ ବିଶିଷ୍ଟ ଏକ ରଥରେ ଭ୍ରମଣ କରୁଥିଲା ଓ ଏହାକୁ ପାଞ୍ଚଟି ଘୋଡା ଟାଣୁ ଥିଲେ।

ପୁରଞ୍ଜନୀ ଅବିବାହିତ ଥିଲା। ପୁରଞ୍ଜନଙ୍କୁ ଦେଖି ପୁରଞ୍ଜନୀ ବିବାହ ପ୍ରସ୍ତାବ ଦିଅନ୍ତେ ପୁରଞ୍ଜନ ଆଗ୍ରହ ସହକାରେ ପୁରଞ୍ଜନୀ ଙ୍କୁ ବିବାହ କଲା। ଉଭୟ ପୁରଞ୍ଜନ ଓ ପୁରଞ୍ଜନୀଙ୍କ ସମୟ ଅତି ଖୁସୀ ରେ ଅତିବାହିତ ହେଲା। ପୁରଞ୍ଜନ ପୁରଞ୍ଜନୀଙ୍କ ପ୍ରତି ଏତେ ବିମୋହିତ ହୋଇ ଗଲା ଯେ, ପୁରଞ୍ଜନୀ ଯାହା କହେ, ପୁରଞ୍ଜନ ବିନା ଦ୍ୱିଧାରେ ମାନି ଯାଏ। ପୁରଞ୍ଜନୀ ହସିବାକୁ କହିଲେ ପୁରଞ୍ଜନ ହସେ, ପୁରଞ୍ଜନୀ କାନ୍ଦିବାକୁ କହିଲେ ପୁରଞ୍ଜନ କାନ୍ଦେ।

ଏଇ ଭଳି ଭୋଗ ବିଳାସ ରେ ସମୟ ଅତିବାହିତ ହେଲା ଓ କାଳ କ୍ରମେ ପୁରଞ୍ଜନ ଓ ପୁରଞ୍ଜନୀ ଅନେକ ସନ୍ତାନ ସନ୍ତତିଙ୍କ ପିତା ମାତା ହେଲେ।

କିଛି କାଳ ଅତିବାହିତ ହେବ ପରେ ଜରା ନାମକ ଏକ ଅତି କଦର୍ଯ୍ୟ ଚେହେରା ବିଶିଷ୍ଟ ନରଙ୍କର ପୁରଞ୍ଜନଙ୍କ ଉପରେ ନଜର ପଡିଲା। ଜରା ପୁରଞ୍ଜନଙ୍କୁ ବିବାହ କରିବାକୁ ଚାହିଁଲା। ଜରାର ଚେହେରା ଏତେ କଦର୍ଯ୍ୟ ଥିଲା ଯେ ତାକୁ କେହି ବିବାହ କରୁ ନ ଥିଲେ। ଜରାର ଚଣ୍ଡବେଗ ନାମକ ଜଣେ ବନ୍ଧୁ ଥିଲା। ତା'ର ତିନିଶହ ପଞ୍ଚଷଠି ଜଣ ଧଳା ଓ ତିନିଶହ ପଞ୍ଚଷଠି ଜଣ କଳା ସୈନିକ ଥିଲେ। ଚଣ୍ଡବେଗ ସାହାଯ୍ୟରେ ଜରା ପୁରଞ୍ଜନୀ ଓ ପୁରଞ୍ଜନ ଙ୍କୁ ଆକ୍ରମଣ କଲା। ଏହି ଆକ୍ରମଣରେ ଉଭୟ ମୃତ୍ୟୁ ବରଣ କଲେ। ମାତ୍ର ପୁରଞ୍ଜନ ପୁରଞ୍ଜନୀ ପ୍ରତି ଏତେ ବିମୋହିତ ଥିଲେ ଯେ ମୃତ୍ୟୁ ବେଳେ ପୁରଞ୍ଜନୀଙ୍କୁ ଝୁରି ଝୁରି ମୃତ୍ୟୁ ବରଣ କଲା। କୁହାଯାଏ , ମଣିଷ ଯାହାକୁ ଝୁରି ମୃତ୍ୟୁ ବରଣ କରେ, ସେହି ଯୋନିରେ ପରବର୍ତ୍ତୀ ଜନ୍ମ ପାଏ। ଏହି ସତ୍ୟରେ ପୁରଞ୍ଜନ ପରଜନ୍ମରେ ବିଦେହ ଦେଶର ରାଜାଙ୍କ କନ୍ୟା ଭାବରେ ଜନ୍ମ ନେଲା। ତା'ର ନାଁ ରହିଲା ବୈଧର୍ବୀ। ପରବର୍ତ୍ତୀ ଅବସ୍ଥାରେ ସେ ମଳୟ ଦେଶର ରାଜକୁମାର ମଳୟଧ୍ୱଜଙ୍କୁ ବିବାହ କଲା।

ଏକଦା ଶିକାର ଖେଳୁ ଖେଳୁ ମଳୟଧ୍ୱଜ ମୃତ୍ୟୁ ବରଣ କଲେ। ତତ୍କାଳିନ ପ୍ରଥା ଅନୁଯାୟୀ ବୈଧର୍ବୀ ମଳୟଧ୍ୱଜଙ୍କ ଚିତାରେ ସତୀ ହେବାକୁ ଚେଷ୍ଟା କରୁଥିବା ଅବସ୍ଥାରେ ଅଭିଜ୍ଞାତ ଆବିର୍ଭାବ ହେଲେ। ନିଜର ଅନ୍ତରଙ୍ଗ ବନ୍ଧୁଙ୍କର ଅବସ୍ଥା ଦେଖି ଅତ୍ୟନ୍ତ ଦୁଃଖିତ ହେଲେ। ପୁରଞ୍ଜନଙ୍କୁ ନିଜର ପରିଚୟ ଦେଇ ପୁନର୍ବାର ପୂର୍ବ ଅବସ୍ଥାକୁ ଫେରିଯିବାକୁ ଅନୁରୋଧ କଲେ।

ଇଏ ହେଲା ଉପାଖ୍ୟାନର ମାର୍ମିକ କଥା।

(କ୍ରମଶଃ...)

କେଶୁରା
ମୋ: ୮୨୪୯୨୧୩୦୪୦

## ସ୍ୱସ୍ତିକ ଚିହ୍ନର ମହତ୍ତ୍ୱ

**ସନାତନ ଧର୍ମରେ ସ୍ୱସ୍ତିକ ଚିହ୍ନର ବିଶେଷ ମହତ୍ତ୍ୱ ଅଛି। କୌଣସି ଶୁଭକାର୍ଯ୍ୟର ଆରମ୍ଭ ସ୍ୱସ୍ତିକ ଚିହ୍ନରୁ ହୋଇଥାଏ। ଧାର୍ମିକ ମାନ୍ୟତାନୁସାରେ, ସ୍ୱସ୍ତିକ ଚିହ୍ନକୁ ଘରେ ଅଙ୍କନ କରିବା ଦ୍ୱାରା ସକାରାତ୍ମକ ଶକ୍ତି ସଞ୍ଚାର ହୁଏ। ଏହା ବାସ୍ତୁଦୋଷ ଦୂର କରିବାରେ ସାହାଯ୍ୟ କରେ।**



- ପୂଜା ଏବଂ ଘରର ମୁଖ୍ୟ ଦ୍ୱାରରେ ସ୍ୱସ୍ତିକ ଚିହ୍ନ ଅଙ୍କନ କରିବା ଭଲ। ଏହା ଘରର ବାସ୍ତୁଦୋଷ ଦୂର କରିଥାଏ।
- ବ୍ୟବସାୟ ସ୍ଥଳରେ କୌଣସି ପ୍ରକାର ବାସ୍ତୁଦୋଷ ଥିଲେ ପୂର୍ବ, ଉତ୍ତର-ପୂର୍ବ ଏବଂ ଉତ୍ତର ଦିଗରେ ସ୍ୱସ୍ତିକ ଚିହ୍ନ ଅଙ୍କନ କରିବା ଉଚିତ।
- ଏହି ସ୍ଥାନରେ ଅଷ୍ଟଧାତୁ ବା ତମ୍ବା ନିର୍ମିତ ସ୍ୱସ୍ତିକ ଚିହ୍ନକୁ ଲଗାଇପାରିବେ।
- ପଢ଼ାରେ ବିଦ୍ୟାର୍ଥୀଙ୍କ ଧ୍ୟାନ କେନ୍ଦ୍ରିତ କରିବା ପାଇଁ ପଢ଼ା ଘରର ଦକ୍ଷିଣ-ପଶ୍ଚିମ ଦିଗରେ ସ୍ୱସ୍ତିକ ଚିହ୍ନ କରିବା ଭଲ।
- ସ୍ୱସ୍ତିକ ଚିହ୍ନ ପାଖରେ ଜୋତା ଚପଲ ରଖିବା ବାସ୍ତୁ ସମ୍ମତ ନୁହେଁ।

ଉତ୍କଳ ସମାଚାର

## ସମ୍ପାଦକୀୟ...

**ବୁଧବାର ୧୪ ଅକ୍ଟୋବର ୨୦୨୬**

# ଶକ୍ତି ଉପାସନା

ନବରାତ୍ରି କେବଳ ନଅ ରାତିର ଧାର୍ମିକ ଉତ୍ସବ ନୁହେଁ; ଏହା ଆସ୍ଥା, ଆତ୍ମସଂଯମ, ନାରୀଶକ୍ତି, ସାଂସ୍କୃତିକ ଐତିହ୍ୟ ଓ ସାମାଜିକ ଏକତାର ଏକ ମହତ୍ତ୍ୱପୂର୍ଣ୍ଣ ପର୍ବ। ଭାରତୀୟ ଜୀବନଧାରାରେ ଏହାର ସ୍ଥାନ ଗଭୀର ହୋଇଥିବାବେଳେ ଓଡ଼ିଶାର ଧାର୍ମିକ ଚେତନା, ଲୋକପରମ୍ପରା ଓ ସାମୂହିକ ଜୀବନରେ ମଧ୍ୟ ଏହାର ବିଶେଷ ପ୍ରଭାବ ରହିଛି। 'ନବରାତ୍ରି' ଶବ୍ଦର ଅର୍ଥ ନଅ ରାତି। ଏହି ସମୟରେ ମା' ଦୁର୍ଗାଙ୍କ ବିଭିନ୍ନ ରୂପର ଆରାଧନା କରାଯାଏ ଏବଂ ଦଶମୀ ତିଥିରେ ବିଜୟାଦଶମୀ ପାଳନ କରାଯାଏ। ଏହି ପର୍ବର ମୂଳ ସନ୍ଦେଶ ହେଉଛି—ଅନ୍ୟାୟ ଯେତେ ଶକ୍ତିଶାଳୀ ହେଉ, ଧର୍ମ, ସାହସ ଓ ନ୍ୟାୟର ସମ୍ମିଳିତ ଶକ୍ତି ଶେଷରେ ତାହାକୁ ପରାସ୍ତ କରିପାରେ। ମହିଷାସୁର ଉପରେ ଦେବୀ ଦୁର୍ଗାଙ୍କ ବିଜୟର ପୌରାଣିକ କାହାଣୀ ଏହି ଚିରନ୍ତନ ଆଦର୍ଶକୁ ପ୍ରକାଶ କରେ। କିନ୍ତୁ ଏହାର ମହତ୍ତ୍ୱ କେବଳ ପୁରାଣର କାହାଣୀ ମଧ୍ୟରେ ସୀମିତ ନୁହେଁ; ମନୁଷ୍ୟର ଦୈନନ୍ଦିନ ଜୀବନରେ ଅନ୍ୟାୟ, ଅଜ୍ଞାନ, ଭୟ, ଅହଂକାର ଓ ଅସମାନତା ବିରୋଧରେ ଲଢ଼ିବାର ପ୍ରେରଣା ମଧ୍ୟ ଏହା ଦେଇଥାଏ। ଓଡ଼ିଶାରେ ନବରାତ୍ରିର ଭାବନା ଦୁର୍ଗାପୂଜା, ଦେବୀ ମନ୍ଦିରର ଆରାଧନା ଓ ଅଂଚଳଭିତିକ ପରମ୍ପରା ସହ ଘନିଷ୍ଠ ଭାବେ ଜଡ଼ିତ। କଟକର ଚାନ୍ଦିମେଢ଼, ଭୁବନେଶ୍ୱରର ସୁସଜ୍ଜିତ ପୂଜାମଣ୍ଡପ, ଗାଁଗହଳିର ଦେବୀପୀଠ ଏବଂ ପଶ୍ଚିମ ଓଡ଼ିଶାର ସମ୍ବଲପୁରସ୍ଥିତ ମା' ସମଲେଶ୍ୱରୀଙ୍କ ନବରାତ୍ରି ଉପାସନା ଏହି ଭକ୍ତିଧାରାର ବିଭିନ୍ନ ରୂପକୁ ଉଜାଗର କରେ। ଓଡ଼ିଶାର ପ୍ରତ୍ୟେକ ଅଂଚଳର ପରମ୍ପରା ଏକାଭଳି ନୁହେଁ; କେଉଁଠି ଦେବୀଙ୍କ ମନ୍ଦିରରେ ଦୀର୍ଘକାଳୀନ ପୂଜାବିଧି ପାଳନ ହୁଏ, ତ ଅନ୍ୟ କେଉଁଠି ସାର୍ବଜନୀନ ମଣ୍ଡପରେ ଦୁର୍ଗାପୂଜା ସାମୂହିକ ଉତ୍ସବର ରୂପ ନିଏ। ଏହି ବିବିଧତା ଓଡ଼ିଶାର ସାଂସ୍କୃତିକ ସମୃଦ୍ଧିର ପରିଚୟ। ନବରାତ୍ରିର ଆଉ ଏକ ପ୍ରମୁଖ ଦିଗ ହେଉଛି ନାରୀଶକ୍ତିର ସମ୍ମାନ। ଦେବୀ ଦୁର୍ଗାଙ୍କୁ ଶକ୍ତି, ସାହସ, ସୁରକ୍ଷା ଓ ଅନ୍ୟାୟର ବିନାଶର ପ୍ରତୀକ ଭାବେ ପୂଜା କରାଯାଏ। ଏହା ଆମକୁ ମନେ ପକାଇଦିଏ ଯେ ନାରୀ କେବଳ ପରିବାରର ଦାୟିତ୍ୱ ବହନ କରୁଥିବା ଜଣେ ସଦସ୍ୟ ନୁହନ୍ତି; ସେ ଶିକ୍ଷା, ଅର୍ଥନୀତି, ବିଜ୍ଞାନ, ପ୍ରଶାସନ, ରାଜନୀତି ଓ ସମାଜ ଗଠନରେ ସମାନ ଭାଗୀଦାର। ତେଣୁ ଦେବୀଙ୍କ ଆରାଧନା ସେତେବେଳେ ହିଁ ସାର୍ଥକ ହେବ, ଯେତେବେଳେ ଆମେ ନିଜ ଘର, ଶିକ୍ଷାନୁଷ୍ଠାନ, କର୍ମକ୍ଷେତ୍ର ଓ ସାର୍ବଜନୀନ ଜୀବନରେ ନାରୀଙ୍କୁ ସମ୍ମାନ, ସୁରକ୍ଷା ଓ ସମାନ ସୁଯୋଗ ଦେବା। କନ୍ୟାପୂଜାର ପରମ୍ପରା ଆମକୁ କନ୍ୟାଶିଶୁର ମର୍ଯ୍ୟାଦା ବୁଝାଏ; କିନ୍ତୁ ଏହି ମର୍ଯ୍ୟାଦା କେବଳ ପୂଜାର ଗୋଟିଏ ଦିନରେ ସୀମିତ ରହିବା ଉଚିତ ନୁହେଁ। କନ୍ୟାଶିଶୁର ଶିକ୍ଷା, ପୁଷ୍ଟି, ସ୍ୱାସ୍ଥ୍ୟ, ସ୍ୱାଧୀନତା ଓ ସୁରକ୍ଷା ନିଶ୍ଚିତ କରିବା ହେଉଛି ଦେବୀ ଉପାସନାର ପ୍ରକୃତ ସାମାଜିକ ଅର୍ଥ। ଏହି ପର୍ବ ଓଡ଼ିଶାର ଅର୍ଥନୈତିକ ଜୀବନକୁ ମଧ୍ୟ ଗତିଶୀଳ କରେ। ପୂଜାମଣ୍ଡପ ନିର୍ମାଣ କରୁଥିବା କାରିଗର, ମୂର୍ତ୍ତିଶିଳ୍ପୀ, ଚାନ୍ଦିତାରକସି କାରିଗର, ରଙ୍ଗମିସ୍ତ୍ରି, ବିଦ୍ୟୁତ୍‌କର୍ମୀ, ଫୁଲ ବ୍ୟବସାୟୀ, ବସ୍ତ୍ର ବିକ୍ରେତା, ମିଠା ଦୋକାନୀ, ଛୋଟ ବ୍ୟବସାୟୀ ଓ ଅସ୍ଥାୟୀ ଶ୍ରମିକଙ୍କ ପାଇଁ ଏହା ଆୟର ସୁଯୋଗ ସୃଷ୍ଟି କରେ। ବିଶେଷକରି କଟକର ଚାନ୍ଦିମେଢ଼ ଓ ମୂର୍ତ୍ତି ନିର୍ମାଣ ପରମ୍ପରା ସ୍ଥାନୀୟ କାରିଗରୀ ଦକ୍ଷତାକୁ ନୂଆ ପରିଚୟ ଦିଏ। ଭୁବନେଶ୍ୱର ସମେତ ଅନ୍ୟାନ୍ୟ ସହରର ପୂଜାମଣ୍ଡପ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଆକର୍ଷିତ କରିବା ସହ ଛୋଟ ବ୍ୟବସାୟରେ ଚାହିଦା ବଢ଼ାଏ। ତଥାପି ଉତ୍ସବର ଅର୍ଥନୈତିକ ଲାଭକୁ କେବଳ ବଡ଼ ଆୟୋଜନର ଆକାରରେ ମାପିବା ଠିକ୍ ନୁହେଁ। ସ୍ଥାନୀୟ କାରିଗରଙ୍କୁ ନ୍ୟାୟସଙ୍ଗତ ପାରିଶ୍ରମିକ, ଛୋଟ ବ୍ୟବସାୟୀଙ୍କୁ ସୁଯୋଗ ଏବଂ ଶ୍ରମିକଙ୍କୁ ସମ୍ମାନ ମିଳିଲେ ହିଁ ଏହି ଉତ୍ସବର ସମୃଦ୍ଧି ସାଧାରଣ ଲୋକଙ୍କ ଜୀବନରେ ପହଚିଂପାରିବ। ନବରାତ୍ରିର ସାମାଜିକ ପ୍ରଭାବ ମଧ୍ୟ ଗଭୀର। ପୂଜାମଣ୍ଡପରେ ପଡ଼ଶୀମାନେ ଏକାଠି ହୁଅନ୍ତି, ପରିବାରର ସଦସ୍ୟମାନେ ମିଳିତ ହୁଅନ୍ତି ଏବଂ ଦୀର୍ଘଦିନ ପରେ ଆତ୍ମୀୟଙ୍କ ସହ ଭାବ ବିନିମୟର ସୁଯୋଗ ମିଳେ। ଜାତି, ଭାଷା, ଆର୍ଥିକ ସ୍ଥିତି ଓ ସାମାଜିକ ପରିଚୟର ଭିନ୍ନତା ମଧ୍ୟରେ ସାମୂହିକ ଉତ୍ସବ ଲୋକଙ୍କୁ ଏକ ମଂଚରେ ଆଣିପାରେ। ଓଡ଼ିଶାର ଅନେକ ସ୍ଥାନରେ ଦୁର୍ଗାପୂଜା ସମୟରେ ବିଭିନ୍ନ ଧର୍ମ ଓ ସମ୍ପ୍ରଦାୟର ଲୋକେ ପରସ୍ପରର ଉତ୍ସବକୁ ସମ୍ମାନ ଦେଇ ସହଯୋଗ କରନ୍ତି। ଏହା ସାମାଜିକ ସଦ୍‌ଭାବର ଏକ ସୁନ୍ଦର ଉଦାହରଣ। ଧାର୍ମିକ ଆସ୍ଥା ବ୍ୟକ୍ତିଗତ ହୋଇପାରେ, କିନ୍ତୁ ତାହାରୁ ଜନ୍ମ ନେଉଥିବା ଦୟା, ସହଯୋଗ, ସେବା ଓ ମାନବିକତା ସମଗ୍ର ସମାଜର ସମ୍ପଦ। ତେଣୁ ଉତ୍ସବର ମୂଳ ଆତ୍ମା ହେବା ଉଚିତ ଏକତା, ନୁହେଁ ବିଭାଜନ; ସହିଷ୍ଣୁତା, ନୁହେଁ ଅସହିଷ୍ଣୁତା। ତେବେ ଆଧୁନିକ ସମୟରେ ନବରାତ୍ରି ପାଳନ ସହ କେତେକ ଚ୍ୟାଲେଞ୍ଜ ମଧ୍ୟ ଯୋଡ଼ି ହୋଇଛି। ଅତ୍ୟଧିକ ଶବ୍ଦ, ଅନାବଶ୍ୟକ ଖର୍ଚ୍ଚ, ଯାତାୟାତ ଅବ୍ୟବସ୍ଥା, ପ୍ଲାଷ୍ଟିକ୍ ଆବର୍ଜନା ଓ ପରିବେଶ ପ୍ରଦୂଷଣ ଉତ୍ସବର ଆନନ୍ଦକୁ ମଳିନ କରିପାରେ। ଭକ୍ତିର ଅର୍ଥ ଅନ୍ୟମାନଙ୍କ ଅସୁବିଧା ବଢ଼ାଇବା ନୁହେଁ। ଧ୍ୱନିବର୍ଦ୍ଧକର ବ୍ୟବହାରରେ ନିୟମ ପାଳନ, ଅଗ୍ନି ଓ ବିଦ୍ୟୁତ୍ ସୁରକ୍ଷା, ଭିଡ଼ ନିୟନ୍ତ୍ରଣ, ରାସ୍ତା ଅବରୋଧ ନକରିବା ଏବଂ ଆବର୍ଜନାର ସଠିକ୍ ପରିଚାଳନା ପ୍ରତ୍ୟେକ ଆୟୋଜକଙ୍କ ଦାୟିତ୍ୱ। ପରିବେଶ ଅନୁକୂଳ ସାଜସଜ୍ଜା, ପୁନଃବ୍ୟବହାରଯୋଗ୍ୟ ସାମଗ୍ରୀ ଓ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦେଲେ ଉତ୍ସବ ଅଧିକ ଦାୟିତ୍ୱପୂର୍ଣ୍ଣ ହୋଇପାରିବ। ଅନ୍ୟପଟେ, ଦେବୀଙ୍କ ନାମରେ ଅତ୍ୟଧିକ ପ୍ରତିଯୋଗିତା ଓ ଦେଖାଦେଖିର ମନୋଭାବ ଉତ୍ସବର ଆଧ୍ୟାତ୍ମିକ ଉଦ୍ଦେଶ୍ୟକୁ ଦୁର୍ବଳ କରିପାରେ। ଭକ୍ତିର ମୂଲ୍ୟ ମଣ୍ଡପର ଉଚ୍ଚତା, ସାଜସଜ୍ଜାର ଚମକ କିମ୍ବା ଖର୍ଚ୍ଚର ପରିମାଣରେ ନୁହେଁ; ଏହା ମଣିଷର ଆଚରଣ, ମନର ପବିତ୍ରତା ଓ ଅନ୍ୟଙ୍କ ପ୍ରତି ସମ୍ବେଦନଶୀଳତାରେ ପ୍ରକାଶ ପାଏ। ନବରାତ୍ରି ଯୁବପିଢ଼ି ପାଇଁ ମଧ୍ୟ ଏକ ଶିକ୍ଷାର ଅବସର। ଦେବୀଙ୍କ ନଅଟି ରୂପକୁ ସାହସ, ଧୈର୍ଯ୍ୟ, ଶୃଙ୍ଖଳା, ଜ୍ଞାନ, ସୃଜନଶୀଳତା ଓ କର୍ତ୍ତବ୍ୟବୋଧର ପ୍ରତୀକ ଭାବେ ବୁଝିଲେ ଏହି ପର୍ବ ଯୁବମନରେ ସକାରାତ୍ମକ ଚେତନା ଜାଗ୍ରତ କରିପାରିବ। ଛାତ୍ରଛାତ୍ରୀମାନେ ଏହି ସମୟରେ ସେବାକାର୍ଯ୍ୟ, ରକ୍ତଦାନ ସଚେତନତା, ଅସହାୟଙ୍କୁ ସହାୟତା, ବୃକ୍ଷରୋପଣ ଓ ସ୍ୱଚ୍ଛତା ଅଭିଯାନରେ ଯୋଗଦେଇ ପର୍ବକୁ ଜନକଲ୍ୟାଣ ସହ ଯୋଡ଼ିପାରନ୍ତି। ଏହା ଧାର୍ମିକ ଭାବନାକୁ ସାମାଜିକ ଦାୟିତ୍ୱରେ ପରିଣତ କରିବ। ଓଡ଼ିଶାର ଐତିହ୍ୟ ଓ ପରମ୍ପରାକୁ ନୂଆ ପିଢ଼ି ପାଖରେ ପହଚାଂଇବାରେ ମଧ୍ୟ ଏହି ପର୍ବର ଭୂମିକା ରହିଛି। ମୂର୍ତ୍ତି ନିର୍ମାଣ, ତାରକସି କାମ, ପାରମ୍ପରିକ ସଙ୍ଗୀତ, ନୃତ୍ୟ ଓ ଲୋକକଳା ଆମ ସାଂସ୍କୃତିକ ପରିଚୟକୁ ସୁଦୃଢ଼ କରେ। ଏହି କଳାକୁ ସୁରକ୍ଷା ଦେବା, କାରିଗରଙ୍କ ଦକ୍ଷତାକୁ ପ୍ରୋତ୍ସାହନ ଦେବା ଏବଂ ପରମ୍ପରାକୁ ଆଧୁନିକ ସୃଜନଶୀଳତା ସହ ଯୋଡ଼ିବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ଶେଷରେ, ନବରାତ୍ରିର ପ୍ରକୃତ ସନ୍ଦେଶ ହେଉଛି ନିଜ ଭିତରେ ଥିବା ଦୁର୍ବଳତାକୁ ଚିହ୍ନିବା ଓ ତାହାକୁ ଜୟ କରିବା।

# ସାମାନ୍ୟ କଥନ : ଉଦାର ଓ ଉଦାସୀନ ରାଜପୁତ୍ର

## ପ୍ରୀତୀଶ ଆଚାର୍ଯ୍ୟ

ମଧ୍ୟକାଳୀନ ଭାରତ ଇତିହାସରେ ଜଣେ ଅତି ଉଦାର, ଜ୍ଞାନୀ ଓ ଗୁଣୀ ଭାବରେ ଦାରା ସିକୋହ (୧୬୧୫-୧୬୫୯) ସର୍ବଦା ଗଣା ହେବେ। ସେ ଥିଲେ ମୋଗଲ ବାଦଶାହ ଶାହାଜାହାନ ଓ ବେଗମ ମମତାଜ ମହଲଙ୍କ ୧୪ଟି ସନ୍ତାନଙ୍କ ମଧ୍ୟରେ ତୃତୀୟ ଓ ପୁତ୍ର ହିସାବରେ ଜ୍ୟେଷ୍ଠ। ମୋଗଲ ରାଜବଂଶରେ ଜ୍ୟେଷ୍ଠାଧିକାରର ପରମ୍ପରା ଦୃଢ଼ ନ ଥିଲା ଏବଂ ବାଦଶାହଙ୍କ ଜୀବିତାବସ୍ଥାରେ ରାଜକୁମାରମାନେ ସିଂହାସନ ପାଇଁ ଭ୍ରାତୃ ବିବାଦ ଏବଂ ପିତାଙ୍କ ବିରୁଦ୍ଧରେ ବିଦ୍ରୋହ କରିବାର ଉଦାହରଣମାନ ରହିଥିଲା। ନିଜେ ଶାହାଜାହାନ (ପୂର୍ବ ନାମ ଖୁହରମ) ମଧ୍ୟ ପିତା ଜାହାଙ୍ଗୀରଙ୍କ ବିରୁଦ୍ଧରେ ଶେଷ ସମୟରେ ବିଦ୍ରୋହ କରିଥିଲେ। ବିଦ୍ରୋହ ଭଳି ସଙ୍କଟକୁ ଏଡ଼ାଇବା ସକାଶେ ଶାହାଜାହାନ ୧୬୪୨ରେ ଜ୍ୟେଷ୍ଠ ପୁତ୍ର ଦାରାଙ୍କୁ ପ୍ରଥମେ ଉଚ୍ଚ ପଦରେ ନିଯୁକ୍ତ କରିଥିଲେ ଏବଂ ପରେ ୧୬୫୫ରେ ଉତରାଧିକାରୀ ରୂପେ ଘୋଷିତ କରିଥିଲେ। କିନ୍ତୁ ତାଙ୍କ ଯୋଜନା ବିପରୀତ ଫଳ ପ୍ରଦାନ କଲା। ମୋଗଲ ସାମ୍ରାଜ୍ୟର ଉତରାଧିକାରୀ ଭାବେ ଦାରାଙ୍କ ଭଳି ଜଣେ ଉଦାର ବ୍ୟକ୍ତିଙ୍କୁ ଶକ୍ତିଶାଳୀ ରୁଢ଼ିବାଦୀ, ରକ୍ଷଣଶୀଳ ଗୋଷ୍ଠୀ ତୀବ୍ର ବିରୋଧ କଲେ। ଏହି ଗୋଷ୍ଠୀ ଆଉରଙ୍ଗଜେବଙ୍କୁ ସମର୍ଥନ କରିବାରୁ ଦାରାଙ୍କ ପରାଜୟ ପାଇଁ ବାଟ ଖୋଲିଗଲା। ଆକବରଙ୍କୁ ବାଦ ଦେଲେ ମୋଗଲ ରାଜବଂଶରେ ଦାରା ସମ୍ଭବତଃ ସବୁଠାରୁ ଅଧିକ ଉଦାର ଥିଲେ। ହିନ୍ଦୁ-ମୁସଲିମ ସମେତ ସବୁ ଧର୍ମ ମଧ୍ୟରେ ସେ ଏକତା ଓ ସଂହତି ରକ୍ଷା ନିମନ୍ତେ ପ୍ରୟାସ କରୁଥିଲେ। ପାର୍ସୀରେ ଦାରାଙ୍କର ଏକ ପ୍ରସିଦ୍ଧ କୃତି ହେଲା, 'ଦୁଇଟି ସାଗରର ସଂଗମ' (ଦ କନଫ୍ଲୁଏନ୍ସ ଅଫ ଟୁ ସିଜ୍)। ଏଥିରେ ସେ ଇସଲାମ ଓ ହିନ୍ଦୁ ବିଚାରକୁ ଦୁଇଟି ଜ୍ଞାନର ସାଗର ରୂପରେ ଏବଂ ତା'ର ଆଧ୍ୟାତ୍ମିକତାକୁ ସୁଫି ଓ ବେଦାନ୍ତ ଦର୍ଶନ ମଧ୍ୟରେ ସମନ୍ୱୟ ମାଧ୍ୟମରେ ଦର୍ଶାଇଥିଲେ। ୧୬୫୭ରେ ସେ ୫୦ଟି ଭାଗରେ ଉପନିଷଦର ପାର୍ସୀରେ ଅନୁବାଦ କରାଇଥିଲେ। ଅନୁବାଦକୁ ପ୍ରାମାଣିକ ଓ ନିର୍ଭରଯୋଗ୍ୟ କରିବା ନିମନ୍ତେ ସେ ନିଜେ ବନାରସରେ ସଂସ୍କୃତ ଶିକ୍ଷା କରିଥିଲେ। ପାର୍ସୀରେ 'ଶିର-ଇ-ଆକବର' (ମହା ରହସ୍ୟ) ଶୀର୍ଷକରେ ପ୍ରସ୍ତୁତ ଏହି ଅନୁବାଦର ଉପକ୍ରମଣିକାରେ ଦାରା କହିଛନ୍ତି ଯେ ପୈଗମ୍ବର ମହମ୍ମଦ ଉପନିଷଦ ଗ୍ରନ୍ଥ କଥା ଅବଗତ ଥିଲେ। ତାଙ୍କର ଏହି ଉଲ୍ଲେଖ ରକ୍ଷଣଶୀଳ ଗୋଷ୍ଠୀକୁ ତାଙ୍କ ବିରୁଦ୍ଧରେ ଅଧିକ ମୁଖର କରିଥିଲା। ଏହା ବ୍ୟତୀତ, ସେ ଏକାଦଶ-ଦ୍ୱାଦଶ ଶତାବ୍ଦୀରେ ରଚିତ ମହାନ ସଂସ୍କୃତ ଗ୍ରନ୍ଥ 'ଯୋଗ-ବଶିଷ୍ଠ'ର ମଧ୍ୟ ପାର୍ସୀରେ ଅନୁବାଦ କରାଇଥିଲେ। ରକ୍ଷଣଶୀଳ ଗୋଷ୍ଠୀ ତାଙ୍କର ଏହି ସବୁ କାର୍ଯ୍ୟକୁ ବିରୋଧ କରିବା ସତ୍ତ୍ୱେ ବେଦାନ୍ତ ଦର୍ଶନ ମଧ୍ୟ-ଏସିଆ ଓ ଗ୍ରୀକ ଓ ଲାଟିନରେ ଅନୂଦିତ ହୋଇ ୟୁରୋପର ବୌଦ୍ଧିକ ଜଗତରେ ଚହଳ ପକାଇଥିଲା। କେବଳ ସେତିକି ନୁହେଁ, କଳା, ଭାସ୍କର୍ଯ୍ୟ ଓ ଚିତ୍ରକଳାରେ ମଧ୍ୟ ଦାରାଙ୍କ ବିଶେଷ ଆଗ୍ରହ ରହିଥିଲା, ଯାହାର ନିଦର୍ଶନ ଲାହୋର, କାଶ୍ମୀର ଓ ଦିଲ୍ଲୀରେ ଦେଖିବାକୁ ମିଳିଥିଲା। ଦାରା ସୁଫି ଦର୍ଶନର ଜଣେ ମହାନ ପଣ୍ଡିତ ଥିଲେ। ତ୍ରୟୋଦଶ ଶତାବ୍ଦୀର ମହାନ ସୁଫି ସନ୍ଥ ମୈନୁଦ୍ଦିନ ଚିସ୍ତିଙ୍କ ଦରଘା ପାଇଁ ପ୍ରସିଦ୍ଧ ଆଜମେରରେ ତାଙ୍କର ଜନ୍ମ। ବାଲ୍ୟ କାଳରୁ ତାଙ୍କ ବୌଦ୍ଧିକ ନିର୍ମାଣରେ ଏହାର ପ୍ରଭାବ ଥିଲା। କୈଶୋରାବସ୍ଥାରେ ତାଙ୍କୁ ଲାହୋରର ମିଆଁ ମୀର (୧୫୫୦-୧୬୩୫)ଙ୍କ ଭଳି ସୁଫି ସନ୍ଥଙ୍କ ସାନ୍ନିଧ୍ୟ ମିଳିଥିଲା। ମିଆଁ ମୀର ବିଭିନ୍ନ ଧାର୍ମିକ ସମ୍ପ୍ରଦାୟ ଦ୍ୱାରା ଗ୍ରହଣୀୟ ଥିଲେ। ଏପରି କି ୧୫୮୮ରେ ଶିଖ ଗୁରୁ ଅର୍ଜ୍ଜୁନ ଦେବ ଅମୃତସରରେ ସ୍ୱର୍ଣ୍ଣ ମନ୍ଦିରର ଆଧାର ଶିଳା ସ୍ଥାପନ କରିବାକୁ ତାଙ୍କୁ ନିମନ୍ତ୍ରଣ କରିଥିଲେ। ଦାରା 'ହସନତ-ଉଲ-ଆରଫିନ' ନାମରେ ସୁଫି ସନ୍ଥମାନଙ୍କର ଏକ ଜୀବନୀ ମଧ୍ୟ ଲେଖିଛନ୍ତି। ସପ୍ତମ ଶିଖ ଗୁରୁ ହର ରାୟ (୧୬୦୬-୪୪)ଙ୍କ ସହ ତାଙ୍କର ନିବିଡ଼ ବନ୍ଧୁତା ଥିଲା। ଏହାର ବିପରୀତ, ଆଉରଙ୍ଗଜେବ ନବମ ଗୁରୁ ତେଗବାହାଦୁରଙ୍କୁ ୧୬୭୫ରେ ହତ୍ୟା କରି ଶିଖମାନଙ୍କ ସହ ଚିର ଶତ୍ରୁତା ଆଚରଣ କରିଥିଲେ। ଦାରାଙ୍କର ଶେଷ ସମୟ ଥିଲା ଅତ୍ୟନ୍ତ ଦୁଃଖଦ ଓ ଅପମାନଜନକ। ମାତ୍ର ୪୪ ବର୍ଷ ବୟସରେ ତାଙ୍କୁ ସାନ ଭାଇ ଆଉରଙ୍ଗଜେବ ହତ୍ୟା କରାଇଥିଲେ। ଦାରାଙ୍କ ପତନ ଓ ଆଉରଙ୍ଗଜେବଙ୍କ ରାଜନୈତିକ ଉତ୍‌ଥାନ ଦେଶର ଏକ ସୁନ୍ଦର ସମ୍ଭାବନାକୁ ଦଳି ଦେଇଗଲା। ବୌଦ୍ଧିକ କାର୍ଯ୍ୟରେ ଦାରା ଯେତେ ସଫଳ ଥିଲେ, ତା'ଠାରୁ ଅଧିକ ଅସଫଳ ଥିଲେ କୂଟନୀତି ଓ ରଣକ୍ଷେତ୍ରରେ। ସେ ଥିଲେ ଏକାଧାରରେ ଜଣେ ଉଦାର ଓ ଉଦାସୀନ ରାଜପୁତ୍ର। ସତୁରି ହଜାର ସୈନ୍ୟ ବଳ ବିଶିଷ୍ଟ ମୋଗଲ ସେନାର ଅଧିନାୟକ ହେବା ସତ୍ତ୍ୱେ ୧୬୫୩ରେ କାନ୍ଦାହାର ଦଖଲ କରିବାରେ ବିଫଳ ହେବା ହେଉଛି ତା'ର ପ୍ରମାଣ; ତାଙ୍କ ପଛରେ ବିଶାଳ ମୋଗଲ ସେନା ଥିବା ସତ୍ତ୍ୱେ ସେ ୧୬୫୮-୫୯ରେ ଉଜ୍ଜୈନ ନିକଟସ୍ଥ ଧର୍ମାଟ ଓ ଆଗ୍ରା ନିକଟସ୍ଥ ସାମୁଗଡ଼ରେ ଆଉରଙ୍ଗଜେବଙ୍କ ହାତରେ ଦୁଇ ଥର ଶୋଚନୀୟ ଭାବରେ ପରାସ୍ତ ହୋଇଥିଲେ। ଏହା ପରେ ସେ ଜୀବନ ରକ୍ଷା ପାଇଁ ସିନ୍ଧକୁ ପଳାୟନ କରିଥିଲେ। ସେଠାରେ ମାଲିକ ଜମୀର ନାମକ ଜଣେ ବିଶ୍ୱସ୍ତ ଆଫଗାନ ପାଖରେ ଅଶ୍ରୟ ନେଲେ। ହେଲେ, ଜମୀର ବିଶ୍ୱାସଘାତକତା କରି ତାଙ୍କୁ ଆଉରଙ୍ଗଜେବ ହାତରେ ସମର୍ପଣ କଲା। ଆଉରଙ୍ଗଜେବ ପ୍ରଥମେ ଦାରାଙ୍କୁ ଅର୍ଦ୍ଧ ନଗ୍ନ ଅବସ୍ଥାରେ ହାତୀରେ ବସାଇ ଦିଲ୍ଲୀର ରାଜ ରାସ୍ତାରେ ବୁଲାଇଲେ ଏବଂ ୩୦ ଅଗଷ୍ଟ ୧୬୫୯ରେ 'ଉପହାର' ରୂପରେ ତାଙ୍କ କଟା ମୁଣ୍ଡକୁ ଆଗ୍ରାରେ ଗୃହ ବନ୍ଦୀ ଥିବା ପିତା ଶାହାଜାହାନଙ୍କ ପାଖକୁ ପଠାଇ ଦେଲେ। ଦାରାଙ୍କର ଶୋଚନୀୟ ପରାଜୟ ଓ ନୃଶଂସ ହତ୍ୟା ମୋଗଲ ଶାସନରେ ଧାର୍ମିକ ଉଦାରତା ଓ ସଂପ୍ରୀତିର ସମ୍ଭାବନାକୁ ଏକ ରକମ ହତ୍ୟା କଲା। ତା' ସହିତ ତଜ୍ଜନିତ ଭୟ ଓ ଆତଙ୍କ ଆଉରଙ୍ଗଜେବଙ୍କୁ ଏକ ନିରଙ୍କୁଶ ଶାସକ ହେବାରେ ସାହାଯ୍ୟ କଲା। କୁହାଯାଇଥାଏ ଯେ ଆଉରଙ୍ଗଜେବଙ୍କ ସ୍ଥାନରେ ଦାରା ସିକୋହ ଭାର୍ତୃବିବାଦରେ ବିଜୟୀ ହୋଇଥିଲେ ଇତିହାସ ଭିନ୍ନ ମୋଡ଼ ନେଇଥାନ୍ତା; ମଧ୍ୟକାଳୀନ ଭାରତରେ ଧାର୍ମିକ ସମନ୍ୱୟ ବଢ଼ିଥାନ୍ତା। ସାଂପ୍ରଦାୟିକ ସମସ୍ୟା ଉପୁଜି ନଥାନ୍ତା ! ତେବେ, ଏହା କେବଳ ଏକ ଅନୁମାନ; ଅନେକ ପାରିପାର୍ଶ୍ୱିକ ସାମାଜିକ, ରାଜନୈତିକ ଓ ଆର୍ଥିକ କାରଣ ଉପରେ ଏହା ଫଳବତୀ ହେବା ବିଷୟ ନିର୍ଭର କରନ୍ତା। କେବଳ ଜଣେ ସମ୍ରାଟ ଉଦାର ବା ଅନୁଦାର ହେବା ଉପରେ ସାମ୍ରାଜ୍ୟର ମୋଟ ସ୍ଥିତି ବଦଳିବାର ନଜିର ଇତିହାସରେ ଦେଖିବାକୁ ମିଳିନାହିଁ।

# ଜନଜାତି କଳା, ସ୍ଥାପତ୍ୟ ଓ ହସ୍ତଶିଳ୍ପ

## ଡକ୍ଟର ବିଚିତ୍ରାନନ୍ଦ ଆଚାର୍ଯ୍ୟ

ଜନଜାତି ସଂସ୍କୃତି ଓ ପରମ୍ପରାରେ କଳା ଓ ସ୍ଥାପତ୍ୟ ଶିଳ୍ପର ଏକ ବିଶେଷ ଭୂମିକା ରହିଛି। ଆଜି ଓଡ଼ିଶାର ରାୟଗଡ଼ା ଓ ଗଜପତି ଜିଲ୍ଲାରେ ବସବାସ କରୁଥିବା ସଉରା ଜନଜାତିଙ୍କ ଚିତ୍ରକଳା 'ଇଡିତାଲ' କେବଳ ରାଜ୍ୟ କାହିଁକି ଦେଶ ବିଦେଶରେ ଲୋକପ୍ରିୟତା ଅର୍ଜନ କରିପାରିଛି। ଏହା ଏକ ପ୍ରକାର ଝୋଟି ଚିତା ପର୍ଯ୍ୟାୟର ଚିତ୍ରକଳା ଏବଂ ବିଶେଷକରି କାନ୍ଥରେ ଅଙ୍କନ କରାଯାଇଥାଏ। ଚଳଚ୍ଚିତ୍ର ଦୁନିଆରେ ଆଦିବାସୀଙ୍କ ଅଳଙ୍କାରର ଗୋଟିଏ ବିଶେଷ ଭୂମିକା ରହିଛି। ଆଦିବାସୀ ଅଳଙ୍କାରର ସ୍ୱାତନ୍ତ୍ର୍ୟ ରହିଛି। କୋରାପୁଟ ଅଂଚଳ ଆଦିବାସୀ ଅଳଙ୍କାରର ଏକ ସ୍ୱତନ୍ତ୍ର ବଜାର ରହିଛି। ଓଡ଼ିଶଶର ଏସବୁ ଆଦିବାସୀ ଅଳଙ୍କାର ଦେଶ ବିଦେଶକୁ ରପ୍ତାନୀ କରାଯାଉଛି। କେନ୍ଦୁଝରର ଜୁଆଙ୍ଗ ଜନଜାତିଙ୍କ କାଠ ଖୋଦେଇ ସ୍ଥାପତ୍ୟର ଏକ ନିଆରା ଭାଉ ରହିଛି। ଜୁଆଙ୍ଗମାନେ ସେମାନଙ୍କର ମଣ୍ଡଘର ପାଇଁ କାଠରେ ଖୋଦେଇ କରି ନାନା ପ୍ରକାର ଆକର୍ଷଣୀୟ କାରୁକାର୍ଯ୍ୟ ପ୍ରସ୍ତୁତ କରିଥାନ୍ତି। ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଅଂଚଳର ଲୋଧା, ମାଙ୍କଡ଼ିଆ ଓ ଅନ୍ୟ ଆଦିବାସୀମାନେ ବାଉଁଶ ପାତିଆକୁ ବ୍ୟବହାର କରି ଆକର୍ଷଣୀୟ ଉପକରଣ ଓ ସ୍ଥାପତ୍ୟକଳା ନିର୍ମାଣ କରିଥାନ୍ତି। ନବରଙ୍ଗପୁର, କଳାହାଣ୍ଡି ଓ କୋରାପୁଟ ଜିଲ୍ଲାର ଆଦିବାସୀମାନେ ପାରମ୍ପରିକ ଲାଖ ଓ କାଠ ଶିଳ୍ପ ପାଇଁ ଦେଶବିଦେଶରେ ପ୍ରସିଦ୍ଧି ଲାଭ କରିପାରିଛନ୍ତି। ବହୁ ପ୍ରାଚୀନ କାଳରୁ ଜନଜାତିମାନେ ଜୀବନ ଧାରଣ ପାଇଁ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟରୁ ଘରେ ବ୍ୟବହୃତ ବସ୍ତୁ, ଅଳଙ୍କାର, କୃଷି ଉପକରଣ, ଜଳ ପାତ୍ର, ବାଦ୍ୟଯନ୍ତ୍ର ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଉପକରଣ ସବୁ ତିଆରି କରୁଥିଲେ। କିନ୍ତୁ ଆଧୁନିକତାର ଆଢୁଆଳରେ ସେ ସବୁର ବ୍ୟବହାର କମିବାରେ ଲାଗିଛି। ଆଜିର ସୂଚନାପ୍ରଯୁକ୍ତିର ଯୁଗରେ ହାତ ପାହାନ୍ତାରେ ଥିବା ମୋବାଇଲର ୟୁଟ୍ୟୁବରେ ଜନଜାତିଙ୍କ ଅନେକ ପ୍ରତିଭା ଓ ବିକାଶ ପୃଥିବୀର କୋଣଅନୁକୋଣ ପର୍ଯ୍ୟନ୍ତ ପ୍ରସାରିତ ହେଲାଣି। କେବଳ ମାଟି ପାତ୍ରର ଉପକରଣ ନୁହେଁ ବାଉଁଶ ଠାରୁ ଘାସପତ୍ର, ଗଛ ବକଳ ଠାରୁ ମଞ୍ଜି ଏସବୁ ଭିତରେ ପାରମ୍ପରିକ ଅପୂର୍ବ ହସ୍ତ କୌଳିକ ବୃତି ଓ ଆଦିମ ହସ୍ତକଳାକୁ ଜନଜାତିମାନେ ଆଗେଇ ନେଉଛନ୍ତି। ଯେପରି ତାଇ ଫଳରୁ ଝାମ୍ପି ବା ପାଉଁଜି ତିଆରି କରାଯାଉଛି। ପ୍ରଥମେ ତାଇ ଫଳକୁ ଗରମ ପାଣିରେ ଫୁଟାଇ ତାକୁ ନରମ କରି ତା ମଧ୍ୟରେ ଛିଦ୍ର କରାଯାଏ। ପରେ ତାହା ମଧ୍ୟରେ ଘୁଙ୍ଗୁର ଦେଇ ପାଉଁଜି ପରି ବ୍ୟବହାର କରାଯାଏ। ଏହାକୁ ପାରମ୍ପରିକ ପୂଜାପର୍ବାଣୀରେ କାଠି ନାଚ ସମୟରେ ପିନ୍ଧି ନୃତ୍ୟ ପରିବେଷଣ କରାଯାଏ। ସେହିପରି ଗୁଞ୍ଜି ମଞ୍ଜି ବା କାଇଁଚ ଭାବେ ଜଣାଶୁଣା ମଞ୍ଜିରୁ ବିଭିନ୍ନ ପ୍ରକାର ମାଳା କରି ଜନଜାତି ମହିଳାମାନେ ପରିଧାନ କରନ୍ତି। ବିଶେଷକରି କନ୍ଧମାଳର ଡଙ୍ଗରିଆ କନ୍ଧ, ମାଲକାନାଗିରିର କୋଟିଆ, ପରଜା, କମାର, ଚକୋଟିଆ ଭୁଞ୍ଜିଆ ଜନଜାତି ଅନେକ ଅଳଙ୍କାର ଓ ହସ୍ତ ପ୍ରସ୍ତୁତ ସାମଗ୍ରୀମାନ ତିଆରି କରି ବଜାରରେ ପହଚାଂଇ ଲୋକପ୍ରିୟତା ଅର୍ଜନ କରିପାରିଛନ୍ତି। ଏହା ବ୍ୟତୀତ କୃଷି ଉପକରଣ ମଧ୍ୟରେ ପତଳା ବାଉଁଶ ପାତିରୁ ଓ ପ୍ଲାଷ୍ଟିକରୁ ଛାତୋଡ଼ି ବା ବାଉଁଶ ଟୋପି ତିଆରି କରାଯାଇଥାଏ। ଦକ୍ଷିଣ ଓଡ଼ିଶାରେ ଏହାକୁ ତଲାରି ବୋଲି କୁହାଯାଏ। ସେହିପରି ବାଦ୍ୟଯନ୍ତ୍ର ମଧ୍ୟରେ ବାଉଁଶରୁ ଡୁଡୁଙ୍ଗା (ପାରମ୍ପରିକ ବୀଣା) ବଇଁଶୀ, ଦାସକାଠିଆ, ଢ଼ୋଲ ଆଦି ତିଆରି କରାଯାଏ। ଓଡ଼ିଶାର ନୂଆପଡ଼ା ଜିଲ୍ଲାର ଗଣ୍ଡ ଓ ଚାକୋଟିଆ ଭୁଞ୍ଜିଆ ଜନଜାତିମାନେ ମଧ୍ୟ ପାରମ୍ପରିକ ଭାବେ ବିଭିନ୍ନ ଅଳଙ୍କାର, ବାଦ୍ୟଯନ୍ତ୍ର ଏବଂ ଅନ୍ୟାନ୍ୟ ବ୍ୟାବହାରିକ ଉପକରଣ ତିଆରି କରି ପ୍ରାଚୀନ କଳାକୃତିକୁ ବଚାଂଇ ରଖିଛନ୍ତି। ଯେପରି ତୁମ୍ବା। ତୁମ୍ବା ହେଉଛି ଏକ ପ୍ରାକୃତିକ ସପାନୀୟ ଜଳ ବୋତଲ। ନୂଆପଡ଼ାର ଚାକୋଟିଆ ଭୁଞ୍ଜିଆ ଜନଜାତି ଲାଉ ତୁମ୍ବାରୁ ଏହାକୁ ତିଆରି କରନ୍ତି। ଅନେକ ହୁଏତ ଜାଣିନଥିବେ ରାୟଗଡ଼ା ଜିଲ୍ଲାର ସଉରା ଜନଜାତି ଦ୍ୱାରା ପ୍ରସ୍ତୁତ ତଲାରି, ଗୁଣୁପୁରର ରଥଯାତ୍ରା ସମୟରେ ବେଶ ବିକ୍ରି ହୋଇଥାଏ। ବର୍ଷାଦିନେ ଆଦିବାସୀ ଚାଷୀମାନଙ୍କ ପାଇଁ ଏହା ଅତ୍ୟନ୍ତ ମୂଲ୍ୟବାନ ସାବ୍ୟସ୍ତ ହୋଇଥାଏ। ଏହି ଜନଜାତିଙ୍କର ବିହନ ସଂରକ୍ଷଣ ବ୍ୟବସ୍ଥା ସର୍ବୋପରି ବିହନକୁ ଆର୍ଦ୍ରତା, କ୍ଷୟ ଓ କୀଟ ମାନଙ୍କ ଦୌରାତ୍ମ୍ୟରୁ ବଚାଂଇ ରଖିବା ପାଇଁ ଶିଆଳିପତ୍ର ଡିଲା ତିଆରି କରି ଥାଆନ୍ତି। ସେହିପରି ଚକୋଟିଆ ଭୁଞ୍ଜିଆ ଜନଜାତି ମାନଙ୍କର ଅନ୍ୟତମ ବୃତ୍ତି ହେଉଛି ଝରଣା, ଜଳାଶୟ ଓ ନଈରୁ ମାଛ ଧରିବା। ସେମାନେ ବାଉଁଶରେ ତିଆରି 'ଯୋଖନୀ', 'ଚୋରିଆ' ଭାବେ ଏହାକୁ ବଜାରରେ ମଧ୍ୟ ବିକ୍ରି କରିଥାନ୍ତି। ଏହି ଜନଜାତିର ମହିଳାମାନେ ମାଳିକୁ ମିଶାଇ ଏବଂ ପୁରୁଣା ପଇସାକୁ ଗୁନ୍ଥି ଚମତ୍କାର ମାଳି ପ୍ରସ୍ତୁତ କରିଥାନ୍ତି। ଏହିପରି ଓଡ଼ିଶାର ଜନଜାତି ସଂସ୍କୃତି ଓ ପରମ୍ପରା ସହ ନିବିଡ଼ ଭାବେ ଜଡ଼ିତ ଅନେକ ପାରମ୍ପରିକ କଳା, କାରିଗରୀ ଆଜି ଆଧୁନିକତାର ଆଢୁଆଳରେ ହଜିବାକୁ ବସିଲାଣି। ଯାହା ପ୍ରାୟତଃ ଦେଖିବାକୁ ମିଳୁନାହିଁ। ଏହାକୁ ଦେଖିବାକୁ କିମ୍ବା ଜାଣିବାକୁ ହେଲେ ସଂଗ୍ରହାଳୟ ଓ ବହିର ସାହାରା ନେବାକୁ ପଡୁଛି। ଏହାକୁ ଦୃଷ୍ଟିରେ ରଖି ଏହି ପାରମ୍ପରିକ ହସ୍ତଶିଳ୍ପକୁ ବଚାଂଇ ରଖିବାର ବିଭିନ୍ନ ସ୍ତରରେ ପ୍ରୟାସ ହେଉଛି। ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ ସମନ୍ୱିତ କୃଷିର ପ୍ରୋତ୍ସାହନ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ (ଏସପିପିଆଇଏଫ) ଅଧୀନରେ ୨୦୨୩ ମସିହାରେ ଆରମ୍ଭ ଫର୍ଗଟନ ଫୁଡ ବା ବିସ୍ମୃତ ଖାଦ୍ୟ କାର୍ଯ୍ୟକ୍ରମ ଜରିଆରେ ଏଥିପାଇଁ ପ୍ରୋତ୍ସାହନ ଦିଆଯାଉଛି। ବିଭିନ୍ନ କଳାକୃତିର ପ୍ରଦର୍ଶନୀ କରିଂଜାର ସୁବିଧା ଏବଂ ରୋଜଗାର ସୃଷ୍ଟି କରାଯାଇଛି। ବର୍ତ୍ତମାନ ଆମ ରାଜ୍ୟରେ ଜନଜାତିଙ୍କ ଆର୍ଥିକ ବିକାଶ ପାଇଁ ଉଭୟ ଆଇଟିଡିଏ ଏବଂ ଅଣୁ ପ୍ରକଳ୍ପ ଜରିଆରେ ବିଭିନ୍ନ ସରକାରୀ ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହେଉଛି। କେବଳ ଆଇଟିଡିଏ ଏବଂ ମାଇକ୍ରୋ ପ୍ରୋଜେକ୍ଟ କାହିଁକି, ବରଂ ବ୍ଲକ ପଚାଂୟତ, କ୍ଷୁଦ୍ର ମଧ୍ୟମ ଜଳସେଚନ ପ୍ରକଳ୍ପ, ଜଳଛାୟା ମିସନ, ମୃତିକା ସଂରକ୍ଷଣ ବିଭାଗ, ଉଠା ଜଳସେଚନ ପ୍ରକଳ୍ପ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ, କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, ପ୍ରାଣୀ ସମ୍ପଦ ବିଭାଗ, ମାଛ ଚାଷ ବିଭାଗ ଆଦି ବିଭିନ୍ନ ସରକାରୀ ବିଭାଗ ମାଧ୍ୟମରେ ମଧ୍ୟ ଜନଜାତିଙ୍କର ଆର୍ଥିକ ବିକାଶ ପାଇଁ ଟଙ୍କା ଖର୍ଚ୍ଚ ହେଉଛି। ଏବେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆଦିବାସୀଙ୍କ ଆର୍ଥିକ ବିକାଶ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଅନେକ ସରକାରୀ ଯୋଜନା କାର୍ଯ୍ୟକାରୀ ହେଉଛି। ସେଗୁଡ଼ିକ ହେଲା ଏମଏମଜେଜେ ଏମ୍ ଯାହାକୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ କୁହାଯାଉଛି। ଏହି ଯୋଜନା ମାଧ୍ୟମରେ କୃଷି, ଉଦ୍ୟାନକୃତି ଓ ଜୀବିକାର ବିକାଶ ପାଇଁ ଆଦିବାସୀଙ୍କୁ କୁକୁଡ଼ା, ଛେଳି, ବତକ ବିଭିନ୍ନ ପନିପରିବା ବିହନ, ମଞ୍ଜି, ଚାରା, ସାର ଔଷଧ ଯୋଗାଇ ଦେବା ସହିତ ଜଳସେଚନର ସୁବିଧା ପାଇଁ ଚେକ ଡ୍ୟାମ ଓ ଗଭୀର ନଳକୂପ ନିର୍ମାଣ କରାଯାଉଛି। ସେହିପରି ଭିଡ଼ିଭିକେ ଅର୍ଥାତ୍ ଜନଧନ ବିକାଶ କାର୍ଯ୍ୟକ୍ରମ। ଏହି ଯୋଜନା ମାଧ୍ୟମରେ ଆଦିବାସୀମାନେ ସଂଗ୍ରହ କରୁଥିବା ପାରମ୍ପରିକ ବନଜାତ ଦ୍ରବ୍ୟର ମୂଲ୍ୟବୃଦ୍ଧି ଯାହାକୁ ଭାଲ୍ୟୁଆଡ଼ିସନ ଭାବେ ବୁଝାଯାଏ, ଆର୍ଥିକ ସହାୟତା ଯୋଗାଇ ଦିଆଯଉଛି। ବିଶେଷକରି ଆମ୍ବରୁ ଆମ୍ବଷଢ଼ା, ଆମ୍ବ ଆଚାର, ପଣସ ଚିପସ୍, ପଣସ କେକ, ପସଣ ଚକୋଲେଟ, ଶାଳପତ୍ର ଖଲି, ଦନା, ପ୍ଲେଟ ଆଦି ପ୍ରସ୍ତୁତ କରି ଆଦିବାସୀମାନେ ଆର୍ଥିକ ସ୍ୱାବଲମ୍ବୀ ହୋଇପାରୁଛନ୍ତି। ଆର୍ଟିକିଲ ୨୭୫ ଏହି ଯୋଜନା ମାଧ୍ୟମରେ ଦୁର୍ଗମ ଆଦିବାସୀବହୁଳ ଅଂଚଳକୁ ରାସ୍ତା ଓ ପୋଲି ନିର୍ମାଣ କରାଯାଉଛି। ଏସସିଏ ଅର୍ଥ ସ୍ୱତନ୍ତ୍ର କେନ୍ଦ୍ର ଅନୁଦାନ ଏହି ଯୋଜନା ଜରିଆରେ ଆଦିବାସୀଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରାଇ ପାଇଁ ଡ୍ରାଗନ ଚାଷ, ପଣସ ପ୍ରକ୍ରିୟାକରଣ ୟୁନିଟ ପ୍ରତିଷ୍ଠା, ଷ୍ଟ୍ରବେରୀ ଚାଷ, ଚେକ ଡ୍ୟାମ ନିର୍ମାଣ ଆଦି କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଡିଏଜେଜିୟୁଏ ଅର୍ଥ ଧରତ୍ରୀ ଅବା ଜନଜାତି ଗୌରବ ଉତ୍କର୍ଷ ଅଭିଯାନ। ଏହି ଯୋଜନା ଜରିଆରେ ଆଦିବାସୀ ଗ୍ରାମ ଗୁଡ଼ିକର ବିକାଶ ପାଇଁ ଖର୍ଚ୍ଚ ହେଉଛି। ପିଏମଏଏଜିୱାଇ ଅର୍ଥ ପ୍ରଧାନମନ୍ତ୍ରୀ ଆଦି ଆଦର୍ଶ ଗ୍ରାମ ଅଭିଯାନ। ଏହି ଯୋଜନା ଜରିଆରେ ଭିତ୍ତିଭୂମି ବିକାଶ ଯଥା ରାସ୍ତା,ପୋଲ, କଲଭର୍ଟ ନିର୍ମାଣ କରାଯାଉଛି । ମୋଟ ଭାଷାରେ କହିବାକୁଗଲେ ସରକାରଙ୍କ ବିଭିନ୍ନ ଯୋଜନା ଓ ପ୍ରୋତ୍ସାହନ ତଥା ଶିକ୍ଷା ଯୋଗୁଁ ଜନଜାତି ଗୋଷ୍ଠୀରେ ଅନେକ ପରିବର୍ତ୍ତନ ଦେଖାଯାଇଛି। ଓଡ଼ିଶାର ଅନେକ ଜନଜାତି ବ୍ୟକ୍ତିତ୍ୱ ଦେଶ ବିଦେଶରେ ବେଶ ସୁନାମ ଅର୍ଜନ କରିଥିବାବେଳେ ତଥାପି ଜନଜାତି ମାନଙ୍କ ଅଗ୍ରଗତି ଓ ବିକାଶ ନିମିତ ଆହୁରି ଯୋଜନା ଓ ପ୍ରୋତ୍ସାହନର ବଡ଼ ଗୁରୁତ୍ୱ ଆଶା ରଖିଛି।

# ରହସ୍ୟର ଖିଅ

ଜିମ୍ବାର୍ଡୋ ଏହାଦ୍ୱାରା ଏକ ସିଦ୍ଧାନ୍ତରେ ଉପନୀତ ହେଲେ ଯେ ମନୁଷ୍ୟର ମୌଳିକ ଚରିତ୍ର ଅନୁସାରେ ଯେ କୌଣସି ଲୋକକୁ ଯଦି ଏକ ପଦ, ଏକ ୟୁନିଫର୍ମ ଓ ନିରଙ୍କୁଶ କ୍ଷମତା ପ୍ରଦାନ କରାଯାଏ, ତା'ର ଆଚରଣ ନାତ୍‌ସି କନ୍‌ସେଣ୍ଟ୍ରେସନ୍ କ୍ୟାମ୍ପର ନିର୍ମମ ଗାର୍ଡମାନଙ୍କ ଭଳି ହୋଇଯିବ। ଏହାକୁ ପ୍ରତିହତ କରିବାର ଏକମାତ୍ର ଉପାୟ ହେଉଛି କ୍ଷମତାରେ ଅଙ୍କୁଶ ଲଗାଇବା। ବର୍ତ୍ତମାନ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଚାଂଚଲ୍ୟ ସୃଷ୍ଟି କରିଥିବା ଭୁବନେଶ୍ୱରର ଭରତପୁର ଥାନାରେ ଜଣେ ସେନାବାହିନୀ ଅଫିସର୍ ଓ ତାଙ୍କ ବାନ୍ଧବୀ ସମ୍ମୁଖୀନ ହୋଇଥିବା ପୁଲିସ ଦ୍ୱାରା ନିର୍ଯାତନାର ଅଭିଯୋଗ ('ବିବିସି'ର ୱେବ୍‌ସାଇଟ୍‌ରେ ଏ ଘଟଣାର ଏକ ଲୋମହର୍ଷଣକାରୀ ବର୍ଣ୍ଣନା ପ୍ରସାରିତ ହୋଇଛି) ପଛରେ ନିହିତ ଥିବା କାରଣ ବୁଝିବା ପାଇଁ ବର୍ତ୍ତମାନ ଏକ ଉପଯୋଗୀ ଖିଅ ଜନସାଧାରଣଙ୍କ ସମ୍ମୁଖରେ ଉପଲବ୍ଧ ହୋଇଛି। ଏହି ଖିଅଟି ହେଉଛି ଗତ ଶୁକ୍ରବାର ଦିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲ୍ଲାପାଳମାନଙ୍କ ସମ୍ମିଳନୀରେ ସେମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ବର୍ଣ୍ଣନା କରିଥିବା ଏକ ପୁଲିସ ଥାନାରେ ତାଙ୍କ ନିଜର ଏକ ଅପେକ୍ଷାକୃତ ତାଜା ଅନୁଭୂତି। ଜାତୀୟ ଗଣମାଧ୍ୟମରେ ପ୍ରସାରିତ ହୋଇଥିବା ମୁଖ୍ୟମନ୍ତ୍ରୀଙ୍କର ଏହି ବର୍ଣ୍ଣନା ଅନୁସାରେ ସେ ମୁଖ୍ୟମନ୍ତ୍ରୀ ରୂପେ ଆସୀନ ହେବାର ମାତ୍ର ପ୍ରାୟ ମାସକ ପୂର୍ବେ ସେ ପିଇବା ପାଣି ଅଭାବ ବିରୁଦ୍ଧରେ ଆନ୍ଦୋଳନର ଅଂଶ ସ୍ୱରୂପ ଘଟିଥିବା ରାସ୍ତା ଅବରୋଧର ସମାଧାନ ନିମିନ୍ତ ସ୍ଥାନୀୟ ଥାନାରେ ପହଚିଂଥିଲେ। ସେତେବେଳେ ସେ ଜଣେ ବିଧାୟକ ଥିବା ସହିତ ଆସନ୍ନ ବିଧାନସଭା ନିର୍ବାଚନରେ ମଧ୍ୟ ଜଣେ ପ୍ରାର୍ଥୀ ଥିଲେ। ଥାନାବାବୁ ଜଣକ କିନ୍ତୁ ଏଥି ସତ୍ତ୍ୱେ ଶ୍ରୀଯୁକ୍ତ ମାଝୀଙ୍କୁ ଥାନା ପରିସରରୁ ବାହାରି ଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ନିର୍ଦ୍ଦେଶ ପାଳନ ନ କଲେ ତାଙ୍କୁ ଗିରଫ କରାଯିବ ବୋଲି ଧମକ ଦେଇଥିଲେ। ଥାନାବାବୁଙ୍କର ଏତାଦୃଶ ଆଚରଣ ବିରୋଧରେ ପ୍ରତିବାଦ ସ୍ୱରୂପ ବିଧାୟକ ଶ୍ରୀଯୁକ୍ତ ମାଝୀ ଥାନା ବାହାରେ ଧାରଣାରେ ବସିଥିଲେ। ଭରତପୁର ଥାନାରେ ଅଭିଯୋଗ କରିବାକୁ ଯାଇ ସେନାବାହିନୀ ଅଫିସର୍ ଓ ତାଙ୍କର ବାନ୍ଧବୀ ପୁଲିସ ତରଫରୁ ଯେଉଁଭଳି ଆଚରଣର ସମ୍ମୁଖୀନ ହୋଇଥିବା ଅଭିଯୋଗ କରିଛନ୍ତି, ତାହା ଯେ ବିଧାୟକ ମାଝୀଙ୍କର ସେଇ ଅନୁଭୂତିର ଏକ ତୀବ୍ରତର ସଂସ୍କରଣ, ଏହା ଜଳଜଳ ହୋଇ ଦେଖାଯାଇଥାଏ। ଏ ଉଭୟ ଘଟଣାରେ କାରଣର ଯେଉଁ ସମାନ ଖିଅଟି ସ୍ପଷ୍ଟ ହୋଇ ଦେଖାଯାଇଥାଏ, ତାହା ହେଉଛି ପୁଲିସର ଆଚରଣ ସଂସ୍କୃତି। ଦୀର୍ଘ ପ୍ରାୟ ଚଉଠ ଶତାବ୍ଦୀ ଧରି ପରିପୁଷ୍ଟ ହୋଇଥିବା ଏହି ସଂସ୍କୃତି ଶ୍ରୀଯୁକ୍ତ ମାଝୀଙ୍କର ମାତ୍ର ପ୍ରାୟ ତିନି ମାସର ଶାସନ କାଳରେ ବଦଳିଯିବା ସମ୍ଭବ ନୁହେଁ। ବିଧାୟକ ମାଝୀ ଯେଉଁ ସଂସ୍କୃତିର ଶିକାର ହୋଇଥିଲେ, ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀ ସେଇ ସଂସ୍କୃତିର ହିଁ ଶିକାର ହୋଇଛନ୍ତି। ଏହି ସଂସ୍କୃତିଟି କ'ଣ ? ଏହି ସଂସ୍କୃତି ହେଲା କ୍ଷମତାର ପୋଷାକ ବା ୟୁନିଫର୍ମ ପରିଧାନ କଲେ ସଂପୃକ୍ତ ବ୍ୟକ୍ତି କ୍ଷମତାନ୍ଧ ହୋଇ ମାନବିକତା ହରାଇଥାନ୍ତି। ଏହି ପରିପ୍ରେକ୍ଷୀରେ ଗତ ଗୁରୁବାର ଏହି ସମ୍ବାଦପତ୍ରରେ ପ୍ରକାଶିତ 'ରୁଗ୍ଣ ମାନସିକତା' ଶୀର୍ଷକ ରଚନାରେ ବର୍ଣ୍ଣିତ ସ୍ତମ୍ଭକାରଙ୍କର ଏକ ଅନୁଭୂତି ଏଠାରେ ଉଲ୍ଲେଖଯୋଗ୍ୟ। ସେଥିରେ ସେ ଅନେକ ବର୍ଷ ତଳେ କାଶୀପୁରର ବିବାଦୀୟ ଆଲୁମିନିଅମ୍ କାରଖାନା ସଂପର୍କରେ ରିପୋଟିଙ୍ଗ୍ କରିବାକୁ ତାଙ୍କର ଜଣେ ମହିଳା ସହକର୍ମୀଙ୍କ ସହିତ ଯାଇଥିବା ବେଳେ ସଂପୃକ୍ତ କଂପାନି ଦ୍ୱାରା ନିୟୋଜିତ କେତେକ ଅସାମାଜିକ ଯୁବକମାନଙ୍କ ହାବୁଡ଼ରେ ପଡ଼ିଥିବା ଅନୁଭୂତି ବର୍ଣ୍ଣନା କରିଛନ୍ତି। ସେ ସ୍ୱୀକାର କରିଛନ୍ତି ଯେ ସେ ଯୁବକମାନଙ୍କର ମୁକାବିଲା କରିବା ପୂର୍ବରୁ, ତାଙ୍କର ସେଇ ମହିଳା ସହକର୍ମୀଙ୍କର ପ୍ରଶ୍ନବାଣରେ ଘାଇଲା ହୋଇ ସେ ଅସାମାଜିକ ଯୁବକମାନେ ସେଠାରୁ ଛତ୍ରଭଙ୍ଗ ଦେଇ ପଳାୟନ କରିଥିଲେ। ଏଠାରେ ସ୍ତମ୍ଭକାରଙ୍କର ସେଇ ଅନୁଭୂତି ଉଲ୍ଲେଖ କରିବାର କାରଣ ହେଲା, ସେ ଓ ତାଙ୍କର ସେ ମହିଳା ସହକର୍ମୀ ସେଦିନ ଭାଗ୍ୟବାନ ଥିଲେ ଯେ ସେଠାରେ ସେମାନଙ୍କର ସେ ପ୍ରତିପକ୍ଷ ପୁଲିସର ୟୁନିଫର୍ମ ପିନ୍ଧି ନ ଥିଲେ ଏବଂ ସେମାନେ କୌଣସି ଔପଚାରିକ ବଳ ପ୍ରୟୋଗକାରୀ କ୍ଷମତାର ଅଧିକାରୀ ନ ଥିଲେ। ଅନ୍ୟ ଉପରେ ବଳ ପ୍ରୟୋଗ କରିବାର ଔପଚାରିକ କ୍ଷମତା ଉପଭୋଗ କରୁଥିବା ପ୍ରତିପକ୍ଷକୁ ଯେ ପ୍ରଶ୍ନବାଣରେ ଘାଇଲା କରିବା ସହଜ ନୁହେଁ, ତାହା ଭରତପୁର ଥାନା ଘଟଣାରେ ପ୍ରମାଣିତ ହୋଇଛି। ଏଭଳି କ୍ଷମତା କିଭଳି ସାଧାରଣ ମନୁଷ୍ୟକୁ ରାକ୍ଷସରେ ପରିଣତ କରିଦେଇପାରେ, ତା'ର ଚରମ ଉଦାହରଣ ଦେଖିବାକୁ ମିଳିଥିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ହିଟ୍‌ଲରଙ୍କ ଦ୍ୱାରା ସୃଷ୍ଟ ଇହୁଦୀମାନଙ୍କର ଗଣହତ୍ୟା ପାଇଁ ଉଦ୍ଦିଷ୍ଟ ନାତ୍‌ସି କନ୍‌ସେଣ୍ଟ୍ରେସନ୍ କ୍ୟାମ୍ପମାନଙ୍କରେ। ଏହି କ୍ୟାମ୍ପମାନଙ୍କରେ ମୃତ୍ୟୁକୁ ଅପେକ୍ଷା କରିଥିବା ବନ୍ଦୀମାନଙ୍କୁ ଜଗିବା ଦାୟିତ୍ୱ ନ୍ୟସ୍ତ ଥିଲା ହିଟ୍‌ଲରଙ୍କର କୁଖ୍ୟାତ 'ଏସ୍‌ଏସ୍' ଗାର୍ଡମାନଙ୍କ ଉପରେ। କ୍ୟାମ୍ପ କର୍ତ୍ତୃପକ୍ଷ କିନ୍ତୁ ସେମାନଙ୍କର ଲୋକବଳ ଉପରେ ବୋଝ ହାଲୁକା କରିବା ପାଇଁ ଏକ ଚତୁର କୌଶଳ ଅବଲମ୍ବନ କରିଥିଲେ। ସେମାନେ ସେଇ ଇହୁଦୀ ବନ୍ଦୀମାନଙ୍କ ମଧ୍ୟରୁ କେତେକଙ୍କୁ ଚୟନ କରି ଅନ୍ୟ ବନ୍ଦୀମାନଙ୍କୁ ନିୟନ୍ତ୍ରଣ କରିବାର କ୍ଷମତା ସେମାନଙ୍କୁ ପ୍ରଦାନ କଲେ। ଦେଖାଗଲା ଏହି ସ୍ୱଜାତି ଜଗୁଆଳିମାନେ ବନ୍ଦୀମାନଙ୍କ ପ୍ରତି ଯେଉଁ ଆଚରଣ ପ୍ରଦର୍ଶନ କଲେ, ତାହା ନାତ୍‌ସି ଗାର୍ଡମାନେ ପ୍ରଦର୍ଶନ କରୁଥିବା ଆଚରଣ ଠାରୁ ବହୁଗୁଣ ଅଧିକ ନିଷ୍ଠୁର ଓ ବର୍ବର ଥିଲା। ସୂଚାଇବା ଅପ୍ରାସଙ୍ଗିକ ହେବ ନାହିଁ ଯେ 'କାପୋ' ନାମରେ ପରିଚିତ ଏହି ଇହୁଦୀ ଗାର୍ଡମାନେ ଉପଭୋଗ କରୁଥିବା ଏହି ବିଶେଷ କ୍ଷମତାର ପରିଚାୟକ ଥିଲା ସେମାନଙ୍କର ପୋଷାକରେ ଲାଗିଥିବା ଏକ ସବୁଜ ତ୍ରିଭୁଜର ଚିହ୍ନ- କ୍ଷମତାର ୟୁନିଫର୍ମ। ନାତ୍‌ସି କନ୍‌ସେଣ୍ଟ୍ରେସନ୍ କ୍ୟାମ୍ପରେ ପରିଦୃଷ୍ଟ ଏହି ଅମାନୁଷିକ ବର୍ବରତା ବିଶ୍ୱଯୁଦ୍ଧ ପରେ ମନସ୍ତତ୍ତ୍ୱବିତ୍‌ମାନଙ୍କୁ ଏପରି ଆନ୍ଦୋଳିତ କରିଥିଲା ଯେ ସେମାନେ ମନୁଷ୍ୟ ଚରିତ୍ରର ଏହି ରହସ୍ୟମୟ ଦିଗ ଉପରେ ବିଭିନ୍ନ ପରୀକ୍ଷାନିରୀକ୍ଷା ଚଳାଇ ଏହି ରହସ୍ୟର ଉନ୍ମୋଚନ କରିବାକୁ ଚେଷ୍ଟା କରିଥିଲେ। ସେମାନେ ଦେଖିବାକୁ ଚାହିଁଥିଲେ ଏକ ନିୟନ୍ତ୍ରିତ ପରିବେଶରେ ଜଣେ ସାଧାରଣ ବ୍ୟକ୍ତିଙ୍କୁ ଯଦି ଏକ ପଦ, ଏକ ୟୁନିଫର୍ମ ଓ ଅବାଧ କ୍ଷମତା ପ୍ରଦାନ କରାଯାଏ, ତା'ର ଚରିତ୍ର ଓ ଆଚରଣରେ କିଭଳି ପରିବର୍ତନ ଘଟିବ। ବୋଧହୁଏ ଏହିଭଳି ଏକ ସର୍ବାଧିକ ପ୍ରସିଦ୍ଧ ପରୀକ୍ଷା ଆୟୋଜିତ ହୋଇଥିଲା ୧୯୭୧ରେ ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟିର ମନୋବୈଜ୍ଞାନିକ ଫିଲିପ୍ ଜିମ୍ବାର୍ଡୋଙ୍କ ଦ୍ୱାରା। ଏହି ପରୀକ୍ଷାରେ ଜିମ୍ବାର୍ଡୋ ୭୫ ଜଣ ପ୍ରାପ୍ତବୟସ୍କ ପୁରୁଷଙ୍କୁ ଦୁଇଟି ଦଳରେ ବିଭକ୍ତ କରି ସେମାନଙ୍କୁ ଏକ ନକଲି ବନ୍ଦୀଶାଳା ଭଳି ପରିବେଶରେ ଅଟକାଇ ରଖିଲେ। ସେମାନଙ୍କ ମଧ୍ୟରୁ ୨୪ ଜଣଙ୍କୁ ନକଲି ଗାର୍ଡର ଭୂମିକା ପ୍ରଦାନ କରାଗଲା ଓ ବାକିମାନଙ୍କୁ ବନ୍ଦୀର ଭୂମିକା ପ୍ରଦାନ କରାଗଲା। ଏହି ପରୀକ୍ଷା ଦୁଇ ସପ୍ତାହ ଧରି ଚଳାଇବା ପାଇଁ ଜିମ୍ବାର୍ଡୋ ଯୋଜନା କରିଥିଲେ, କିନ୍ତୁ ମାତ୍ର ଛ'ଦିନ ପରେ ସେ ପରୀକ୍ଷା ବନ୍ଦ କରିବାକୁ ବାଧ୍ୟ ହେଲେ। ଏହାର କାରଣ, ତଥାକଥିତ ଗାର୍ଡମାନେ ତଥାକଥିତ ବନ୍ଦୀମାନଙ୍କ ପ୍ରତି ଏପରି ଅମାନୁଷିକ ଆଚରଣ ପ୍ରଦର୍ଶନ କରିବାକୁ ଆରମ୍ଭ କଲେ, ଯାହା କ୍ରମେ ବିପଜ୍ଜନକ ହୋଇ ଉଠିଲା।

Printed, Published, Edited and Ownedby Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସମ୍ପାଦକ: ପ୍ରକାଶ କୁମାର ଧଳ
Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003







## ଆନ୍ତର୍ଜାତୀୟ ବାଳିକା ଦିବସରେ ସମ୍ବଲପୁରରେ ସଚେତନତା ରାଲି ଓ ସଭା




ସମ୍ବଲପୁର,୧୩/୧୦(ନି/ପ୍ର): ଆନ୍ତର୍ଜାତୀୟ ବାଳିକା ଦିବସ ଅବସରରେ 'ବାଲ୍ୟବିବାହର ଅନ୍ତ ଓ ବାଳିକାଙ୍କ ଅଧିକାରରେ ବିନିଯୋଗ' ବାର୍ତ୍ତା ନେଇ ରବିବାର ସମ୍ବଲପୁରରେ ସଚେତନତା ରାଲି ଓ ସଭା ଆୟୋଜିତ ହୋଇଥିଲା। ଜୁଭେନାଇଲ୍ ଜଷ୍ଟିସ୍ ଆଉଟ୍ ?ରିଚ୍ କାର୍ଯ୍ୟକ୍ରମ ଅନ୍ତର୍ଗତ ସମ୍ବଲପୁର ପୁଲିସ ପକ୍ଷରୁ ତପସ୍ୱିନୀ ହଲ୍ ?ଠାରେ ଏହା ଆୟୋଜିତ ହୋଇଥିଲା। ବାଳିକାଙ୍କ ଅଧିକାର ସୁରକ୍ଷା, ବାଲ୍ୟବିବାହ ନିରାକରଣ ଓ ସମାଜରେ ବାଳକମାନଙ୍କ ଦାୟିତ୍ୱ ଉପରେ ସଭାରେ ଗୁରୁତ୍ୱ ଦିଆଯାଇଥିଲା। ସକାଳ ୯ଟା ୩୦ରେ ରିଜର୍ଭ ପୁଲିସ ପଡ଼ିଆରୁ ସଚେତନତା ରାଲି ବାହାରି ଫାୟାର ଷ୍ଟେସନ, ଲକ୍ଷ୍ମୀ ଟକିଜ୍, ଜିଲ୍ଲା ସ୍କୁଲ ରୋଡ୍, ପବ୍ଲିକ୍ ଲାଇବ୍ରେରୀ ଓ ପାନ୍ଥନିବାସ ଦେଇ ତପସ୍ୱିନୀ ହଲ୍‌ରେ ପହଞ୍ଚିଥିଲା। ରାଲିରେ ବାଲ୍ୟବିବାହ ବିରୋଧ ଓ ବାଳିକାଙ୍କ ଅଧିକାର ସପକ୍ଷରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ସଭାରେ ଡିଏସ୍‌ପି ତାରାବତୀ ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶିଶୁ ମଙ୍ଗଳ ସମିତିର ସଦସ୍ୟ ଡା. ରାଜାରାମ ଷଡ଼ଙ୍ଗୀ ବାଳିକାଙ୍କ ପ୍ରତି ବାଳକମାନଙ୍କ ସାମାଜିକ ଭୂମିକା ଓ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ବାଳିକାଙ୍କୁ ସମ୍ମାନ ଦେବା, ସେମାନଙ୍କ ସ୍ୱାଧୀନତା ଓ ଅଧିକାରକୁ ସ୍ୱୀକାର କରିବା, ଏବଂ ଲିଙ୍ଗଗତ ଭେଦଭାବ ଦୂର କରିବାରେ ବାଳକମାନେ ସକାରାତ୍ମକ ଭୂମିକା ନେବା ଆବଶ୍ୟକ ବୋଲି ସେ କହିଥିଲେ। ଏଡ୍‌ଏଟ୍ ଆକ୍ସନ ଓ ୟୁନିସେଫ୍‌ର ଜିଲ୍ଲା ସଂଯୋଜିକା ସୁନିତା ତ୍ରିପାଠୀ ବାଳକମାନଙ୍କ ସହଯୋଗରେ ବାଳିକାଙ୍କ ଅଧିକାର ସୁନିଶ୍ଚିତ କରିବା ଉପରେ ମତ ରଖିଥିଲେ। ନଗର ସିଡିପିଓ ମିନତୀ ପାଣିଗ୍ରାହୀ ବାଲ୍ୟବିବାହକୁ 'ନା' କହିବା ସହ ଏହାର ନିରାକରଣ ପାଇଁ ଥିବା ଆଇନଗତ ବ୍ୟବସ୍ଥା ବିଷୟରେ ବୁଝାଇଥିଲେ। ସମଗ୍ର ଶିକ୍ଷାର ବାଳିକା ଶିକ୍ଷା ସଂଯୋଜକ ଅବିନାଶ ସାହୁ ଆନ୍ତର୍ଜାତୀୟ ବାଳିକା ଦିବସର ଗୁରୁତ୍ୱ ଓ ବାଳିକା ଶିକ୍ଷାର ଆବଶ୍ୟକତା ସମ୍ପର୍କରେ କହିଥିଲେ। ସମ୍ବଲପୁରର ଅଦ୍ୱିକା ଲିଡର ହରିଓମ ମାଝୀ ନିଜ ଅଭିଜ୍ଞତା ବାଣ୍ଟିବା ସହ ପ୍ରତ୍ୟେକ ବାଳିକାଙ୍କ ପ୍ରତି ନିଜ ଭଉଣୀ ପରି ସମ୍ମାନ ଓ ସମ୍ବେଦନଶୀଳତା ରଖିବାକୁ ବାଳକମାନଙ୍କୁ ଆହ୍ୱାନ ଦେଇଥିଲେ। ସଭା ଶେଷରେ ଉପସ୍ଥିତ ସମସ୍ତେ ବାଲ୍ୟବିବାହ ରୋକିବା, ବାଳିକାଙ୍କ ଶିକ୍ଷା ଓ ଅଧିକାର ସୁରକ୍ଷା କରିବା ଏବଂ ସମାନତାଭିତିକ ସମାଜ ଗଠନ ପାଇଁ ଶପଥ ନେଇଥିଲେ। ଶେଷରେ ଡିଏସ୍‌ପି ତାରାବତୀ ପ୍ରଧାନ ଧନ୍ୟବାଦ ଜଣାଇଥିଲେ।

## ସମନ୍ୱିତ କ୍ଲଷ୍ଟର ବିକାଶ ଓ ଜୀବିକା ପ୍ରୋତ୍ସାହନ ସମ୍ପର୍କିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

ସମ୍ବଲପୁର,୧୩/୧୦(ନି/ପ୍ର): ସମ୍ବଲପୁର ଜିଲ୍ଲାରେ କୃଷି, ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ, ମତ୍ସ୍ୟ ପାଳନ ଏବଂ ଦକ୍ଷତା ବିକାଶ କ୍ଷେତ୍ରକୁ ସୁଦୃଢ଼ କରି ଜୀବିକା ନିର୍ବାହର ସୁଯୋଗ ବୃଦ୍ଧି ନିମନ୍ତେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଂଚାୟତରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ଏସଏମସି କମିଶନର ରେହାନ ଖେତ୍ରୀ ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ ପାତ୍ର ପ୍ରମୁଖ ସମୀକ୍ଷା କରିଥିଲେ। ବୈଠକର ମୁଖ୍ୟ ନିର୍ଦ୍ଦେଶକ୍ରମେ ଜିଲ୍ଲାରେ ୫,୦୦୦ ଜଣ ସମନ୍ୱିତ (ଇଟିଂଗ୍ରେଟେଡ୍) ଚାଷୀଙ୍କୁ ପ୍ରସ୍ତୁତ କରିବା, କ୍ଲଷ୍ଟର ଭିତିକ ଉତ୍ପାଦନକୁ ବାଣିଜ୍ୟିକ ମୋଡ଼ରେ ପରିଣତ କରିବା, ଫସଲ ବିବିଧକରଣ ଏବଂ ସୁସଂଗଠିତ ବଜାର ସଂଯୋଗୀକରଣ (ମାର୍କେଟ୍ ଲିଙ୍କେଜ୍) ଜରିଆରେ କୃଷକମାନଙ୍କ ଆୟ ବୃଦ୍ଧି କରିବା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଉଦ୍ୟାନ କୃଷି ବିଭାଗର ସମୀକ୍ଷା ଅବସରରେ ଜିଲ୍ଲାର ପ୍ରମୁଖ ଫଳ ଓ ମସଲା ଚାଷର ପରିସଂଖ୍ୟାନ ଉପରେ ଆଲୋଚନା କରାଯାଇଥିଲା। ଫୁଲ ଚାଷକୁ କ୍ଲଷ୍ଟର ଫାର୍ମିରେ ରୂପାନ୍ତରିତ କରିବା ପାଇଁ ପଲି ହାଉସ୍ ଚାଷର ପ୍ରଚଳନ ଏବଂ ଉତ୍ପାଦନ ବୃଦ୍ଧି ପରିବର୍ତ୍ତେ ବ୍ୟବସାୟିକ କ୍ଲଷ୍ଟର ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସାଂସଦ ଶ୍ରୀ ପ୍ରଧାନ କ୍ଲଷ୍ଟର ଫୁଲ ଚାଷର ଆର୍ଥିକ ଆକଳନ (ନେଟ୍ ୱର୍ଥ) ନିରୂପଣ କରିବା, କମ୍ କୀଟନାଶକ ବ୍ୟବହାର କରି ପ୍ରାକୃତିକ କୃଷିକୁ ପ୍ରୋତ୍ସାହିତ କରିବା ଏବଂ ଜଳବାୟୁ ପରିବର୍ତ୍ତନକୁ ପ୍ରତିରୋଧ କରିପାରୁଥିବା କୃଷି ମଡେଲ ବିକଶିତ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ଉତ୍ପାଦିତ ସାମଗ୍ରୀର ଆର୍ଥିକ ମୂଲ୍ୟ ସଂଯୋଜନ, ଗୁଣାତ୍ମକ ପ୍ୟାକେଜିଂ ଏବଂ ମାର୍କେଟିଂ କୌଶଳ ପ୍ରସ୍ତୁତି ପାଇଁ ଦୃଷ୍ଟିକୋଣ ରଖାଯାଇଛି। କୃଷି ବିଭାଗ ପକ୍ଷରୁ ହୀରାକୁଦ ଜଳାଶୟ, ଉର୍ବର ମୃତିକା ଏବଂ ଉତମ ଯୋଗାଯୋଗ ଭିତିଭୂମିକୁ ଆଧାର କରି ମୁଗ, ସୋରିଷ ଓ ଅନ୍ୟାନ୍ୟ ଫସଲର କ୍ଲଷ୍ଟର ଚାଷ ତଥା ସମନ୍ୱିତ କୃଷି ପ୍ରଣାଳୀର ପ୍ରସାର ଉପରେ ରଣନୀତି ପ୍ରସ୍ତୁତ ହୋଇଛି। ଯୁବ ଓ ପ୍ରତିଭାଶାଳୀ କାର୍ଯ୍ୟକାରୀ ଗୋଷ୍ଠୀଙ୍କ ସହଯୋଗରେ ବିଭିନ୍ନ ବିଭାଗର ସମନ୍ୱୟ ରକ୍ଷାକରି ଯୋଜନା ପ୍ରଣୟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଧିକାରୀମାନଙ୍କୁ ଚାଷୀଙ୍କ ସଂଖ୍ୟା, ଉତ୍ପାଦନର ପରିମାଣ ଏବଂ ଏହାର ଅର୍ଥନୈତିକ ମୂଲ୍ୟର ସଠିକ୍ ଆକଳନ କରିବାକୁ କୁହାଯାଇଛି। ସ୍ୱତନ୍ତ୍ର ପଦକ୍ଷେପ ସ୍ୱରୂପ ଜିଲ୍ଲାରେ ୫,୦୦୦ ଜଣ ସମନ୍ୱିତ ଚାଷୀଙ୍କୁ ଚିହ୍ନଟ କରି ତାଲିକାଭିକ୍ତ କରାଯିବା ସହ ସେମାନଙ୍କୁ ସରକାରୀ ଯୋଜନାର ସୁଫଳ, କ୍ରପ୍ ଡାଇଭର୍ସିଫିକେସନ୍ ଏବଂ ମାର୍କେଟ୍ ଲିଙ୍କେଜ୍ ଜରିଆରେ ସହାୟତା ଯୋଗାଇ ଦିଆଯିବ। ପ୍ରାଣୀ ସମ୍ପଦ ବିଭାଗୀୟ ଆଲୋଚନାରେ ପଶୁଗଣନା, ଦୁଗ୍ଧ ବିକାଶ ଯୋଜନାର କାର୍ଯ୍ୟକାରିତା, ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ନୂତନ ପଦକ୍ଷେପ, ପଶୁ ସ୍ୱାସ୍ଥ୍ୟ ସେବା ଏବଂ ବଜାର ସମୀକ୍ଷା ଉପରେ ବିଚାରବିମର୍ଶ ହୋଇଥିଲା। ସେହିପରି ମତ୍ସ୍ୟ ବିଭାଗ ଅଧୀନରେ ଗୋଷ୍ଠୀ ଭିତିକ ଅନ୍ତର୍ଦେଶୀୟ ମତ୍ସ୍ୟଚାଷ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଭାଗୀଦାରୀ, ବାୟୋଫ୍ଲୋକ୍, ରାଇସ୍-ଫିସ୍ କ୍ଲଷ୍ଟର, ସମନ୍ୱିତ ଆକ୍ୱା ପାର୍କ, ରଙ୍ଗୀନ ମାଛ ଚାଷ, ଶୀତଳ ଭଣ୍ଡାର ଏବଂ ମାଛ ପ୍ରସେସିଂ ପଏଂଟ ସ୍ଥାପନ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହାୟତା ଯୋଜନାଗୁଡ଼ିକର ସଫଳ ରୂପାୟନ ପାଇଁ ଗୁରୁତ୍ୱାରୋପ କରାଯାଇଛି। ଉକ୍ତ ବୈଠକରେ ବ୍ଲକ ଉନ୍ନୟନ ଅଧିକାରୀ, ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମହାରାଜା ଅଗ୍ରସେନ ଜୀ ମାନବିକତାର ଦିଗଦର୍ଶକ: ଧର୍ମେନ୍ଦ୍ର ପ୍ରଧାନ



ସମ୍ବଲପୁର,୧୩/୧୦(ନି/ପ୍ର): ମହାନ ପୁରୁଷ ମହାରାଜା ଅଗ୍ରସେନ ଜୀ ସାମାଜିକ ସମାନତାର ପ୍ରତୀକ ଏବଂ ମାନବିକତାର ଦିଗଦର୍ଶକ ଥିଲେ। ସେ କେବଳ ଗୋଟିଏ ସମାଜ ବା ଶ୍ରେଣୀର ମୁଖ୍ୟ ନଥିଲେ; ସମଗ୍ର ମାନବଜାତି ପାଇଁ ସାମାଜିକ ନ୍ୟାୟ, ଅହିଂସା, ସତ୍ୟ, ବାଣିଜ୍ୟିକ ସମୃଦ୍ଧି ଓ ଭାଇଚାରାର ଚିରନ୍ତନ ପ୍ରତୀକ ଥିଲେ। ଶାନ୍ତି, ସମୃଦ୍ଧି ଓ ସମାନତା ଉପରେ ଆଧାରିତ ଆଦର୍ଶ ସମାଜ ଗଠନ ପାଇଁ ସେ ଦେଖାଇଥିବା ମାର୍ଗ ଆଜି ମଧ୍ୟ ବିଶ୍ୱ ପାଇଁ ପ୍ରାସଙ୍ଗିକ ବୋଲି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସମ୍ବଲପୁରରେ ଅଗ୍ରସେନ ଜୟନ୍ତୀ ସମିତି, ଖେତରାଜପୁର, ଦୁର୍ଗା ମଙ୍ଗଲମ, ଖେତରାଜପୁର ଏବଂ ମାରୱାଡ଼ି ଧର୍ମଶାଳା, ପୁରୁଣାବସ୍ତି ପକ୍ଷରୁ ଆୟୋଜିତ ପୃଥକ ଜୟନ୍ତୀ ଉତ୍ସବରେ ଯୋଗଦେଇ ଶ୍ରୀ ପ୍ରଧାନ ମହାରାଜା ଅଗ୍ରସେନ ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଭାକୁ ସମ୍ବୋଧିତ କରି ସେ କହିଥିଲେ, ସମାଜ ପ୍ରତି ଆମ ସମସ୍ତଙ୍କର ବଡ଼ ଉନ୍ନରଦାୟିତ୍ୱ ରହିଛି। ସମୂହ ଓ ସମୁଦାୟ ପାଇଁ ବଞ୍ଚିବା ସହ ଘରର ପରମ୍ପରା ପରି ସମାଜ ପ୍ରତି ମଧ୍ୟ ନିଜ କର୍ତବ୍ୟ ଓ ଦାୟିତ୍ୱ ପାଳନ କରିବା ଆବଶ୍ୟକ। ସ୍ୱଚ୍ଛତା ଅଭିଯାନ ସମ୍ପର୍କରେ ଶ୍ରୀ ପ୍ରଧାନ କହିଥିଲେ ଯେ, ଗତକାଲି ସମ୍ବଲପୁର ସ୍ୱଚ୍ଛତା ଅଭିଯାନରେ ଦେଶରେ ଏକ ନୂଆ ଇତିହାସ ରଚିଛି। ୫୦୦ରୁ ଅଧିକ ସ୍ଥାନରେ ଏକ ଲକ୍ଷରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀଙ୍କ ସହ ସବୁ ବର୍ଗର ଲୋକ ଏଥିରେ ସାମିଲ ହୋଇଥିଲେ। ଏହା ନାଗରିକ ଦାୟିତ୍ୱର ଏକ ଉନ୍ନମ ଉଦାହରଣ ବୋଲି ସେ କହିଥିଲେ। ମହାରାଜା ଅଗ୍ରସେନ ଜୀଙ୍କ ଜୟନ୍ତୀ ଅବସରରେ ସେ ସମ୍ବଲପୁରବାସୀଙ୍କୁ ଥରେ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍‌ର ବ୍ୟବହାର କମାଇବା ସହ ନବଜାତ ଶିଶୁ ଓ ମା'ମାନଙ୍କ ପୋଷଣ ଉପରେ ବିଶେଷ ଧ୍ୟାନ ଦେବାକୁ ଆହ୍ୱାନ କରିଥିଲେ। ଏଭଳି ସାମାଜିକ ସଂକଳ୍ପ ଗ୍ରହଣ କରିବା ହିଁ ମହାରାଜା ଅଗ୍ରସେନ ଜୀଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ କହିଥିଲେ। ଦୀର୍ଘ ୧୨ ବର୍ଷ ଧରି ସାରା ଦେଶ ଭ୍ରମଣର ଅନୁଭୂତି ବାଣ୍ଟି ଶ୍ରୀ ପ୍ରଧାନ କହିଥିଲେ, ଗତ ଅଢ଼େଇ ବର୍ଷ ଧରି ସମ୍ବଲପୁରର ସାଂସଦ ଭାବେ ସେବା କରିବା ତାଙ୍କ ପାଇଁ ପରମ ସୌଭାଗ୍ୟ। ସମ୍ବଲପୁରର ବିକାଶ ହେଲେ ଓଡ଼ିଶା ଆଗେଇବ ଏବଂ ଓଡ଼ିଶାର ପ୍ରଗତି ହେଲେ ଭାରତର ବିକାଶ ହେବ। ଶେଷରେ ସେ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଆଗାମୀ ଦଶହରା ଓ ଦୀପାବଳିର ଅଗ୍ରୀମ ଶୁଭେଚ୍ଛା ଜଣାଇଥିଲେ ।

## ଏଆଇଟିୟୁସିର ୫ମ ବଲାଙ୍ଗୀର ଜିଲ୍ଲା ସମ୍ମିଳନୀ

ବଲାଙ୍ଗୀର,୧୩/୧୦(ନି/ପ୍ର): ଦେଶର ସର୍ବପ୍ରଥମ ଟ୍ରେଡ ୟୁନିୟନ ସଂଗଠନ ଏଆଇଟିୟୁସି ବଲାଙ୍ଗିର ଜିଲ୍ଲା କମିଟି ତରଫରୁ ସ୍ଥାନୀୟ ଗୋୟଲ ଧର୍ମଶାଳାରେ ୫ମ ବଲାଙ୍ଗୀର ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ତୀର୍ଥ ପଧାନଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ କରାଯାଇ ଏହି ସମ୍ମିଳନୀରେ ରାଜ୍ୟ ସାଧାରଣ ସଂପାଦକ ବିଜୟ ଜେନା ଯୋଗ ଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରି ତାଙ୍କ ବକ୍ତବ୍ୟରେ ଜିଲ୍ଲାର ଶ୍ରମିକ ସଂଗଠନର କାର୍ଯ୍ୟକଳାପ, ସମସ୍ୟା, ଅଧିକାର, ମଜୁରି, ସାମାଜିକ ସୁରକ୍ଷା ଓ ସଂଗଠନକୁ ମଜବୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ସମ୍ମିଳନୀରେ ବଲାଙ୍ଗୀର ଜିଲ୍ଲାର ନୂତନ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ତୀର୍ଥ ପଧାନ, କାର୍ଯ୍ୟକାରୀ ସଭାପତି ମନୋଜ ଗୌଡ, ଉପ-ସଭାପତି ପାଣ୍ଡବ ଭୋଇ, ହରପ୍ରୀୟା କୁମ୍ଭାର, ପି.ଦାମୋଦର ରାଓ, ସଂପାଦକ ଜଗବନ୍ଧୁ ବେହେରା, ସହ-ସଂପାଦକ ସାଏବୁ ନନ୍ଦ,ମନୋନିତ ହୋଇଥିଲେ।

## ନବରାତ୍ରରେ ଭକ୍ତିରସରେ ମୁଖରିତ ସମଲେଇ ପୀଠ



ସମ୍ବଲପୁର,୧୩/୧୦(ନି/ପ୍ର): ମା' ସମଲେଶ୍ୱରୀଙ୍କ ପବିତ୍ର ପୀଠରେ ନବରାତ୍ର ମହୋତ୍ସବର ପ୍ରଥମ ଦିନ ରବିବାର ସନ୍ଧ୍ୟାରେ ଭବ୍ୟ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଭଜନ ଓ ସଙ୍ଗୀତର ମଧୁର ସ୍ୱରରେ ସମଗ୍ର ମନ୍ଦିର ପରିସର ଭକ୍ତିମୟ ହୋଇ ଉଠିଥିଲା। ଶ୍ରୀ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ ମା'ଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ବଲପୁରର ପ୍ରତିଷ୍ଠିତ କଳାକାର ତ୍ରିଲୋଚନ ତ୍ରିପାଠୀ, ରାହୁଲ କୁମାର, ରାଜକୁମାର ଜାଲ, ଚେତନାମୟୀ ବେହେରା, ମୃତ୍ୟୁଞ୍ଜୟ ପାଣିଗ୍ରାହୀ ଓ ସିଲକି ବହିଦାର ସୁମଧୁର ଭଜନ ପରିବେଷଣ କରି ଭକ୍ତଙ୍କୁ ଭାବବିହ୍ୱଳ କରିଥିଲେ। ବାଦ୍ୟରେ ନୀତିଶ ଗୁରୁ, ଅନିରୁଦ୍ଧ ବାଗ, ଗୌର ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ। ତ୍ରିଲୋଚନ ତ୍ରିପାଠୀ ପରିଚାଳନା ଓ ରାଜକୁମାର ଜାଲ ସଂଯୋଜନା କରିଥିଲେ। ଏହି ଅବସରରେ ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ ହୋତା, ହେମନ୍ତ ମିଶ୍ର, ଦେବ ଅଜମେରିଆ ଓ ଗୁରୁ ରତନ ପୂଜାରୀ ଉପସ୍ଥିତ ଥିଲେ। ସଭାପତି ଶ୍ରୀ ବାବୁ କହିଥିଲେ, ସମଲେଇ ପୀଠ କେବଳ ଆଧ୍ୟାତ୍ମିକ କେନ୍ଦ୍ର ନୁହେଁ, ପଶ୍ଚିମ ଓଡ଼ିଶାର ସଂସ୍କୃତିର ଜୀବନ୍ତ ପ୍ରତୀକ। ଏପରି ଭଜନ ସନ୍ଧ୍ୟା ଯୁବପିଢ଼ିଙ୍କୁ ଭକ୍ତି ଓ ପରମ୍ପରା ସହ ଯୋଡ଼ି ରଖିବ।

## ମହିଳା ମହାବିଦ୍ୟାଳୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

### 'ଅନୁଭୂତିର ଶୁଣାଣି: ପ୍ରକୃତ ସ୍ୱର, ପ୍ରକୃତ ପରିବର୍ତନ' ବିଷୟରେ ଆଲୋଚନାଚକ୍ର




ସମ୍ବଲପୁର,୧୩/୧୦(ନି/ପ୍ର): ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ସ୍ନାତକୋତର ମନୋବିଜ୍ଞାନ ବିଭାଗ ଆନୁକୂଲ୍ୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ-୨୦୨୬ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମନୋରୋଗ ଚିକିତ୍ସକ ଡ. ଚିନ୍ମରଞ୍ଜନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭିକ ଅଭିଭାଷଣରେ ଅଧ୍ୟକ୍ଷା ପ୍ରଫେସର ମେହେର ଦେଶରେ ମାନସିକ ରୋଗୀଙ୍କ ସଂଖ୍ୟା ବୃଦ୍ଧିକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଏ କ୍ଷେତ୍ରରେ ଜନସଚେତନତାର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଚଳିତ ବର୍ଷର ଦିବସର ବିଷୟବସ୍ତୁ 'ଅନୁଭୂତିର ଶୁଣାଣି: ପ୍ରକୃତ ସ୍ୱର, ପ୍ରକୃତ ପରିବର୍ନନ' ଉପରେ ଡ. ମହାପାତ୍ର ଆଲୋକପାତ କରିଥିଲେ। ନିଜ ଅଭିଜ୍ଞତାର ଉଦାହରଣ ଦେଇ ସେ ମାନସିକ ରୋଗର ଚିକିତ୍ସା ଓ ଆରୋଗ୍ୟ ସମ୍ଭାବନା ବିଷୟରେ ବୁଝାଇଥିଲେ। ମାନସିକ ରୋଗ ସମ୍ପର୍କରେ ସଠିକ୍ ସଚେତନତା ଏବଂ ସମୟୋଚିତ ସହାୟତାର ଗୁରୁତ୍ୱ ମଧ୍ୟ ସେ ଉଲ୍ଲେଖ କରିଥିଲେ। ମନୋବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ସମିତା ଆଚାର୍ଯ୍ୟ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ ଦିବସର ଗୁରୁତ୍ୱ ବିଷୟରେ କହିଥିଲେ। ପ୍ରଫେସର ଅଖିଳ ବିଶ୍ୱାଳ ସଭାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରଫେସର ବେଣୀ ପଟେଲ ଧନ୍ୟବାଦ ଅର୍ପଣ କରିଥିବାବେଳେ ପ୍ରଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ସଭା ପରିଚାଳନା କରିଥିଲେ। ବିଭାଗର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବେଲପାହାଡ଼ରେ ବିଜେପିର ଯୁବ ସମାବେଶ

ଝାରସୁଗୁଡ଼ା,୧୩/୧୦(ନି/ପ୍ର): ଝାରସୁଗୁଡ଼ା ଜିଲା ବେଲପାହାଡ଼ ଖଲଗୁଡ଼ା ସ୍ଥିତ ପୌର କଲ୍ୟାଣ ମଣ୍ଡପଠାରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ଯୁବ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚଳାନ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ କହିଛନ୍ତି ଯୁବ ବର୍ଗ ହେଉଛନ୍ତି ଦେଶର ଭବିଷ୍ୟତ, ସର୍ବଦା ମା' ବାପା ଓ ମାତୃଭୂମିର ସେବା ଓ ସମ୍ମାନ କରିବାକୁ ଯୁବ ବର୍ଗଙ୍କୁ ଆହ୍ୱାନ କରିଥିଲେ। ଏଥିରେ ବିଶିଷ୍ଟ ବକ୍ତାଙ୍କ ମଧ୍ୟରେ ମିରର୍ ଥିଏଟରର ନିର୍ଦ୍ଦେଶକ ଡଃ. ସୁବାଷ ଚନ୍ଦ୍ର ପ୍ରଧାନ ଜଣେ ଯୁବକର ସଂଘର୍ଷ ଓ ସଫଳତାର କାହାଣୀ ଶୀର୍ଷକ ଅଭିଭାଷଣ ରଖିଥିବା ବେଳେ ଝାରସୁଗୁଡ଼ା ଜିଲା ଶିଳ୍ପକେନ୍ଦ୍ରର ଜିଏମ୍ ଅରିନ୍ଦମ ପ୍ରଧାନ ସ୍ୱାବଲମ୍ବୀ, ଆତ୍ମନିର୍ଭର ଓ ରୋଜଗାର ଶୀର୍ଷକ ଅଭିଭାଷଣ ରଖିଥିଲେ। ସେହିପରି ଡକ୍ଟର ବବନ ସିଂହ ଦୈନନ୍ଦିନ ଜୀବନର ଆକସ୍ମିକ ଉପଚାର ଶୀର୍ଷକ ଅଭିଭାଷଣ ରଖିଥିବା ବେଳେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବିଷ୍ଣୁ ମହାନ୍ତି ସମାଜ ଗଠନ ଏବଂ ରାଷ୍ଟ୍ର ନିର୍ମାଣରେ ଯୁବକଙ୍କ ଭୂମିକା ଶୀର୍ଷକ ଅଭିଭାଷଣ ରଖିଥିଲେ ଓ ମାନସ ରଞ୍ଜନ ବକ୍ସି ସୋସିଆଲ୍ ମିଡିଆର ଉପଯୋଗିତା ଓ ଆବଶ୍ୟକତା ଶୀର୍ଷକ ଅଭିଭାଷଣ ରଖିଥିଲେ। ବିଜେପିର ବରିଷ୍ଠ ସଦସ୍ୟ ସଞ୍ଜୟ ସିଂହ ମଚଂ ସଂଚାଳନ କରିଥିବା ବେଳେ ପ୍ରଚଣ୍ଡ ଜୟସ୍ୱାଲ ଅତିଥି ପରିଚୟ ପ୍ରଦାନ ସହ ଯୁବ ବର୍ଗଙ୍କୁ ପ୍ରେରଣାଦାୟକ ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମରେ ଭାରତୀୟ ଜନତା ପାର୍ଟିର କର୍ମକର୍ତାଙ୍କ ମଧ୍ୟରେ ଜିଲା ସଭାପତି ରଘୁନନ୍ଦନ ପଣ୍ଡା, ବରିଷ୍ଠ ସଦସ୍ୟ ସଞ୍ଜୟ ସିଂହ, ମଣ୍ଡଳ ସଭାନେତ୍ରୀ ମୋନାଲିସା ମୋଦକଙ୍କ ସମେତ ପ୍ରମୋଦ ସେନାପତି, ପ୍ରଚଣ୍ଡ ଜୟସ୍ୱାଲ, ରାଜକୁମାର ଅଗ୍ରୱାଲ, ତପନକାନ୍ତ ଜେନା,ପ୍ରମ ଅଗ୍ରୱାଲ, ରତ୍ନାକର ସୁନା, ଅମନ ମହାରାଜ ପ୍ରମୁଖ ସହଯୋଗ କରିଥିଲେ।

## ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀରେ 'ଭାରତୀୟ ଗଣତନ୍ତ୍ରର ଭବିଷ୍ୟତ' ଶୀର୍ଷକ ଆଲୋଚନାଚକ୍ର

ସମ୍ବଲପୁର,୧୩/୧୦(ନି/ପ୍ର): ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜନ୍ମଜୟନ୍ତୀ ଅବସରରେ ରବିବାର ସନ୍ଧ୍ୟା ୫ଟାରେ ଅରବିନ୍ଦ ସ୍କୁଲ ନିକଟସ୍ଥ ସାମ୍ବାଦିକ ଭବନ ପରିସରରେ ସଭା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଜୟପ୍ରକାଶ ନାରାୟଣ ସ୍ମୃତି କମିଟି ଓ ପ୍ରୋଗ୍ରେସିଭ୍ ସମ୍ବଲପୁର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ଥିଲା— 'ଭାରତୀୟ ଗଣତନ୍ତ୍ରର ଭବିଷ୍ୟତ'। ଶ୍ରମିକ ନେତା ଗୋକୁଳ ମେହେର ସଭାରେ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଜୟପ୍ରକାଶ ନାରାୟଣଙ୍କ ତୈଳଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏସ୍‌ଡିଏର ପୂର୍ବତନ ଅଧ୍ୟକ୍ଷ ବିଜୟ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିଲେ। ଭାରତୀୟ ଗଣତନ୍ତ୍ର ସଙ୍କଟ ଦେଇ ଗତି କରୁଛି ବୋଲି ମତ ରଖି ସେ ଦିଲ୍ଲୀରେ ଚାଲିଥିବା ଆନ୍ଦୋଳନ ପ୍ରତି ସରକାରଙ୍କ ଆଭିମୁଖ୍ୟକୁ 'ବର୍ବରତା' ବୋଲି ଅଭିହିତ କରିଥିଲେ। ଏହି ଆନ୍ଦୋଳନ ଜନଜାଗରଣ ସୃଷ୍ଟି କରିବା ସହ ଆଶାର କିରଣ ପାଲଟିଛି ବୋଲି ସେ କହିଥିଲେ। ବକ୍ତା ସରୋଜ ମହାନ୍ତି କହିଥିଲେ ଯେ ଗତ କିଛି ବର୍ଷ ଧରି ଭାରତୀୟ ଗଣତନ୍ତ୍ରରେ ଭୋଟ୍ ରାଜନୀତି ସର୍ବଗ୍ରାସୀ ହୋଇପଡ଼ିଛି। ତଥାପି, ରାସ୍ତାରୁ ହିଁ ଗଣତନ୍ତ୍ରକୁ ସୁଦୃଢ଼ କରିବାର ଆରମ୍ଭ ହୋଇଛି ବୋଲି ସେ ମତ ଦେଇଥିଲେ। ଆଲୋଚନା ସମୟରେ ଭୋଟ୍ ଚୋରି ଓ ଏସ୍‌ଆଇଆର ପ୍ରସଙ୍ଗ ମଧ୍ୟ ଉଠିଥିଲା। ଭକ୍ତପ୍ରସାଦ ନନ୍ଦ ଚେତନା ଓ ଜନଜାଗରଣର ଆବଶ୍ୟକତା ଉପରେ ନିଜ ମତ ରଖିଥିଲେ। ମୁଖ୍ୟବକ୍ତା ତଥା ପୂର୍ବତନ ସାଂସଦ ଭବାନୀ ହୋତା କହିଥିଲେ ଯେ ଗଣତନ୍ତ୍ରର ଭବିଷ୍ୟତ ସମ୍ପର୍କିତ ପ୍ରଶ୍ନ ଯେତେ ଜଟିଳ, ତାହାର ଉତର ମଧ୍ୟ ସେତେ ଜଟିଳ ହୋଇପାରେ।

## ରାଜ୍ୟ ରାଜପଥ - ୧୫ରେ ପାଉଁଶ ବୋଝେଇ ଡମ୍ଫରଙ୍କ ଦ୍ରୁତ ଚଳାଚଳକୁ ନେଇ ଅସନ୍ତୋଷ



ସମ୍ବଲପୁର,୧୩/୧୦(ନି/ପ୍ର): ସମ୍ବଲପୁର-ସୋନପୁରକୁ ସଂଯୋଗ କରୁଥିବା ୧୫ ନମ୍ବର ରାଜ୍ୟ ରାଜପଥ ରେ ପାଉଁଶ ବୋଝେଇ ଡମ୍ଫର ଗୁଡ଼ିକର ଦ୍ରୁତ ଚଳାଚଳକୁ ନେଇ ଅଂଚଳବାସୀଙ୍କ ଅସନ୍ତୋଷ ବଢୁଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଗାଡ଼ିଗୁଡ଼ିକର ଚଳାଚଳ ଉପରେ ପ୍ରଭାବଶାଳୀ ନିୟନ୍ତ୍ରଣ ହେଉନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ସମସ୍ୟା ନେଇ ଅଂଚଳବାସୀ ଦୁଇଥର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା କହିଛନ୍ତି। ଗତ ୫ ତାରିଖରେ ମାନେଶ୍ୱର ବ୍ଲକ କାର୍ଯ୍ୟାଳୟରେ ହୋଇଥିବା ମିଳିତ ଅଭିଯୋଗ ଶୁଣାଣିରେ ମଧ୍ୟ ଏହି ପ୍ରସଙ୍ଗ ଉଠିଥିଲା। ପାଉଁଶ ବୋଝେଇ ଗାଡ଼ିଗୁଡ଼ିକର ଚଳାଚଳ ସମୟ ନିର୍ଦ୍ଧାରଣ କରି, କେବଳ ରାତି ୧୦ଟାରୁ ସକାଳ ୬ଟା ମଧ୍ୟରେ ଯାତାୟାତକୁ ଅନୁମତି ଦେବାକୁ ଦାବି କରାଯାଇଥିଲା। ଜିଲ୍ଲାପାଳ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଯାଏଁ ଦାବି ପୂରଣ ହୋଇନଥିବା ଅଂଚଳବାସୀ କହିଛନ୍ତି। ଏହାକୁ ନେଇ ପ୍ରଶାସନର କାର୍ଯ୍ୟପନ୍ଥା ଉପରେ ସେମାନେ ପ୍ରଶ୍ନ ଉଠାଇଛନ୍ତି। ସମ୍ବଲପୁର-ସୋନପୁର ରାଜ୍ୟ ରାଜପଥ - ୧୫ର ଅନେକ ସ୍ଥାନରେ ରାସ୍ତାର ଅବସ୍ଥା ଶୋଚନୀୟ ଥିବାରୁ ଦୈନନ୍ଦିନ ଯାତାୟାତରେ ଲୋକେ ଅସୁବିଧା ଭୋଗୁଛନ୍ତି। ଏଭଳି ସ୍ଥିତିରେ ଡମ୍ଫରଗୁଡ଼ିକ ଦ୍ରୁତଗତିରେଲଲଲତ୍ପଣ ଚଳାଚଳ କରୁଥିବାରୁ ଅନ୍ୟଲ ଯାତ୍ରୀଙ୍କ ସୁରକ୍ଷା ବିପନ୍ନ ହେବା ସହ ଦୁର୍ଘଟଣା ଆଶଙ୍କା ବଢୁଥିବା ସେମାନଙ୍କ ଅଭିଯୋଗ। ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ଡମ୍ଫରଗୁଡ଼ିକର ଚଳାଚଳ ନିୟନ୍ତ୍ରଣ, ଗତିସୀମା ପାଳନ ଏବଂ ଚଳାଚଳ ସମୟ ନିର୍ଦ୍ଧାରଣ କରୁ ବୋଲି ଅଂଚଳବାସୀ ଦାବି କରିଛନ୍ତି। ଶୀଘ୍ର ସମାଧାନ ନହେଲେ ରାସ୍ତାରେ ଡମ୍ଫର ଅଟକାଇବାକୁ ବାଧ୍ୟ ହେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।




# ଅଲ୍ ଇଣ୍ଡିଆ ଲୟର୍ସ ୟୁନିୟନ ପକ୍ଷରୁ ରାଜ୍ୟବ୍ୟାପୀ ଦାବି ଦିବସରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ




ରାଉରକେଲା,୧୩/୧୦(ନି/ପ୍ର): ଅଲ୍ ଇଣ୍ଡିଆ ଲୟର୍ସ ୟୁନିୟନ (ଏଆଇଏଲୟୁ) ଓଡ଼ିଶା ରାଜ୍ୟ କମିଟି ଡାକରା ରେ ଆଜି ୟୁନିୟନ ପକ୍ଷରୁ ରାଜ୍ୟବ୍ୟାପୀ ଦାବି ଦିବସ ପାଳନ ଅବସରରେ ଓଡ଼ିଶାରେ କାର୍ଯ୍ୟରତ ପ୍ରାୟ ଏକ ଲକ୍ଷ ଆଇନଜୀବୀ ମାନଙ୍କ ବିଭିନ୍ନ ସମସ୍ୟା କୁ ନେଇ ସମସ୍ତ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ମାନଙ୍କ ଜରିଆରେ ମାନ୍ୟବର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଙ୍କୁ ସ୍ମାରକପତ୍ର ପ୍ରଦାନ ପାଇଁ ନିଷ୍ପତି ହୋଇଥିଲା ବେଳେ ଆଜି ୟୁନିୟନର ସୁନ୍ଦରଗଡ଼ ଜିଲ୍ଲା କମିଟି ପକ୍ଷରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଙ୍କ ଜରିଆରେ ୬ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ମୁଖ୍ୟମନ୍ତ୍ରୀ ଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟରେ ଆଇନ୍ ର ସେବା ଯୋଗାଇ ଦେବାରେ,ଜନ ସାଧାରଣଙ୍କ ସାମ୍ବିଧାନିକ ଅଧିକାର ର ସୁରକ୍ଷା ଦିଗରେ,ଆଇନ୍ ବ୍ୟବସ୍ଥା କୁ ଲୋକଙ୍କ ନିକଟତର କରିବା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ କୁ ସମାଜରେ ଦୃଢ଼ୀଭୂତ କରିବା ଦିଗରେ ଆଇନଜୀବୀ ମାନେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲା ବେଳେ ରାଜ୍ୟ ସରକାର ଆଇନଜୀବୀ ମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ଦିଗରେ ଘୋର ଅବହେଳା ପ୍ରଦର୍ଶନ କରୁଥିବାରୁ ୟୁନିୟନ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯାଇଛି। ସରକାର ତୁରନ୍ତ ଆଇନଜୀବୀ ସମେତ ପରିବାର ସଦସ୍ୟଙ୍କୁ ୨୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ଯୋଗାଇ ଦେବା,୬୦ ବର୍ଷ ପରେ ବରିଷ୍ଠ ଆଇନଜୀବୀ ମାନଙ୍କୁ ମାସିକ ୨୦ ହଜାର ଟଙ୍କା ପେନସନ ପ୍ରଦାନ, ବିଭିନ୍ନ ରାଜ୍ୟ ସରକାର ମାନେ ଯୁବ ଆଇନଜୀବୀ ମାନଙ୍କୁ ମାସିକ ପ୍ରୋତ୍ସାହନ ରାଶି ପ୍ରଦାନ କରୁଥିବା ବେଳେ ଓଡ଼ିଶା ସରକାର ମାସିକ ସର୍ବନିମ୍ନ ୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ଯୁବ ଆଇନଜୀବୀ ମାନଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ଯୋଗାଇ ଦେବା, ପ୍ରତ୍ୟେକ ଆଇନଜୀବୀମାନଙ୍କୁ ମୃତ୍ୟୁକାଳୀନ କ୍ଷତିପୂରଣ ୩୦ ଲକ୍ଷ ଟଙ୍କା ପ୍ରଦାନ କରିବା, ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ରାଜ୍ୟ ସରକାର ମ୍ୟାଚିଙ୍ଗ ଗ୍ରାଣ୍ଟ ରାଶି ବୃଦ୍ଧି କରିବା ସହିତ ଅବସର କାଳୀନ ପ୍ରାପ୍ୟ ସର୍ବନିମ୍ନ ୧୫ ଲକ୍ଷ ଟଙ୍କା ପ୍ରଦାନ ସମେତ ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ କରିବା ଦିଗରେ ତଡିତ ପଦକ୍ଷେପ ନେବାକୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମ ରେ ଅଲ୍ ଇଣ୍ଡିଆ ଲୟର୍ସ ୟୁନିୟନ, ସୁନ୍ଦରଗଡ଼ ଜିଲ୍ଲା କମିଟି ର ସଭାପତି ବରିଷ୍ଠ ଆଇନଜୀବୀ ରାମ ପ୍ରସାଦ ପଟ୍ଟନାୟକ, ସଂପାଦକ ରାଜ କିଶୋର ପ୍ରଧାନ,ଉପ ସଭାପତି ଚନ୍ଦ୍ରଭାନୁ ଦାସ, ସୁଶାନ୍ତ କୁମାର ନାୟକ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ବିଶ୍ୱାଳ,ସହ ସଂପାଦକ ଶ୍ରୀକାନ୍ତ ସାହୁ, ନିହାର ରଞ୍ଜନ ସିଂହ, ପ୍ରମୋଦ କୁମାର ବାରିକ୍,ଗୁରୁ ଚରଣ ଖୁଣ୍ଟିଆ,କାର୍ଯ୍ୟକାରୀ କମିଟି ସଦସ୍ୟ ଧିରେନ୍ଦ୍ର ପ୍ରସାଦ ଦାସ,ମାନୁଏଲ ଡେଭିଡ ଲୁଗୁନ,କିରସନ କେରାଇ,ପ୍ରିୟ ଦର୍ଶିନୀ ବାରିକ୍,ରୁପେଶ ଲାଲ୍ ସଂଜୟ ବେହୁରା, ଜଗନ୍ନାଥ ଘାସି,ସନ୍ତୋଷ ଲେହେରୀ ସମେତ ବହୁ ଆଇନଜୀବୀ ସାମିଲ ହୋଇଥିଲେ।

# କୋଇଡ଼ାରେ ଜଗୁଆଳିଙ୍କୁ ହତ୍ୟା :

## କ୍ରସର ଜଗିଥିବା ବେଳେ ସନାତନ ମୁଣ୍ଡାଙ୍କ ମୃତ୍ୟୁ : ପୁଲିସର ତଦନ୍ତ ଜାରି



କୋଇଡା,୧୩/୧୦(ନି/ପ୍ର): ସୁନ୍ଦରଗଡ଼ଜିଲ୍ଲା କୋଇଡ଼ା ଥାନା ଅନ୍ତର୍ଗତ ସର୍ଗୀଗଡ଼ ଗାଁରେ ଅଘଟଣ। ଘରୋଇ କମ୍ପାନୀର ଏକ କ୍ରସରକୁ ଜଗୁଥିବା ଜଗୁଆଳିସନାତନ ମୁଣ୍ଡା (୪୫)ଙ୍କୁ ବୀଭତ୍ସ ଭାବେ ହତ୍ୟା କରି ଫିଙ୍ଗିଦେଲେ ଦୁର୍ବୃତ୍ତ। ଗତକାଲି ରାତିରେ କମ୍ପାନୀ ସାମଗ୍ରୀ ଜଗି ରହିଥିବା ବେଳେ ଘଟିଛି ଏହି ହତ୍ୟାକାଣ୍ଡ। ସୂଚନା ଅନୁଯାୟୀ, ସର୍ଗୀଗଡ଼ ଗାଁରେ ନୂତନ ଖଣି ଖୋଲିବାକୁ ନେଇ ପୂର୍ବରୁ ଅଶାନ୍ତି ଲାଗିରହିଥିଲା। ହତ୍ୟାକାଣ୍ଡର କାରଣ ଓ ସମ୍ପୃକ୍ତ ଦୁର୍ବୃତ୍ତଙ୍କ ସମ୍ପର୍କରେ ଏପର୍ଯ୍ୟନ୍ତ ସ୍ପଷ୍ଟ ସୂଚନା ମିଳିନାହିଁ। ଘଟଣାସ୍ଥଳରେ ପୁଲିସର ତଦନ୍ତ ଜାରି ରହିଛି।

# ଆମ ପୁଲିସର ସଚେତନତା କାର୍ଯ୍ୟକ୍ରମ




ରାଉରକେଲା,୧୩/୧୦(ନି/ପ୍ର): ସେକ୍ଟର-୧୯ ଥାନା ଆମ ପୁଲିସ ସମିତି ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ସେକ୍ଟର ୧୯ କମ୍ୟୁନିଟି ସେଟଂର ଠାରେ ଅନୁଷ୍ଠିତ ହୋଇଯାଇଛି। ଆମ ପୁଲିସର ବରିଷ୍ଠ ସଦସ୍ୟ ଡ଼ଃ ସୁମନ ଦନ୍ତଙ୍କ ଆବାହକତ୍ୱ ଓ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜୋନାଲ ଡିଏସପି ମନୋରଞ୍ଜନ ପ୍ରଧାନ ମୁଖ୍ୟଅତିଥି,ଥାନା ପ୍ରଭାରୀ ବୈଦ୍ୟନାଥ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଆବାହକ ଡ଼ଃ ଦନ୍ତ ପାର୍ବଣ ଉପଲକ୍ଷେ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ସହ ଅନୁଷ୍ଠାନର ଲକ୍ଷ୍ୟ ଓ ସବ୍ ଇନ୍ସପେକ୍ଟର ଦୁର୍ଯ୍ୟୋଧନ ପ୍ରଧାନ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ ଓ ସମ୍ମାନିତ ଅତିଥି ଶ୍ରୀ ସାହୁ ସେମାନଙ୍କ ବକ୍ତବ୍ୟରେ ଥାନା ଓ ଜନସାଧାରଣଙ୍କ ମଧ୍ୟରେ ଦୂରତା ହ୍ରାସ, ଭାରତୀୟ ଦଣ୍ଡବିଧି ଆଇନ ଓ ପରିବର୍ତ୍ତିତ ଆଇନ, ପାରିବାରିକ ସମସ୍ୟା ସମାଧାନ, ନିଶାମୁକ୍ତ ଓଡ଼ିଶା ଅଭିଯାନ, ସାଇବର ଠକେଇ ,ପୋସ୍କୋ ଆଇନ,ଯୌତୁକ ନିରୋଧ ଆଇନ, ଟ୍ରାଫିକ ନିୟମ ପାଳନ, ନାବାଳିକା ବିବାହ ବନ୍ଦ ଓ ନାବାଳିକା ତଥା ନାରୀ ମାନଙ୍କ ସୁରକ୍ଷା ଅଧିକାର ସମ୍ପର୍କରେ ବ୍ୟାପକ ଆଲୋଚନା କରିଥିଲେ। କୌଣସି ଅସୁବିଧାର ସମ୍ମୁଖୀନ ହେଲେ ୧୧୨ ନମ୍ବର ଓ ସାଇବର ଠକେଇ ରେ ୧୯୩୦ ନମ୍ବର କୁ ଯୋଗାଯୋଗ ତଥା ଦୁର୍ଘଟଣା ରେ ସମ୍ମୁଖୀନ ହେଉଥିବା ବ୍ୟକ୍ତି ଙ୍କ ପାଇଁ ପ୍ରଥମ ଏକ ଘଣ୍ଟା କିପରି ଗୁରୁତ୍ୱପୂର୍ଣ୍ଣ, ଦୁର୍ଘଟଣା ରେ ମୃତ୍ୟୁ ମୁଖରୁ ଫେରାଇ ଆଣିଲେ ସାହାଯ୍ୟ କରିଥିବା ବ୍ୟକ୍ତିଙ୍କ ସରକାରଙ୍କ ଆର୍ଥିକ ପ୍ରୋତ୍ସାହନ ସମ୍ପର୍କରେ ବ୍ୟାପକ ଆଲୋଚନା କରାଯାଇଥିଲା। ଏହା ସହ ଉପସ୍ଥିତ ସାଧାରଣଲୋକଙ୍କ ପ୍ରଶ୍ନର ଉତ୍ତର ମଧ୍ୟ ରଖିଥିଲେ। ଜନସାଧାରଣଙ୍କ ପକ୍ଷରୁ ସର୍ବଶ୍ରୀ ବିକାଶ ରାଉତରାୟ, ଗଙ୍ଗାଧର ଦାଶ, ସନ୍ତୋଷ କୁମାର ମହାପାତ୍ର, ଅଶୋକ ରାଉତ, ଅକ୍ଷୟ ରାଉତ,ସୁନାକର ସାହୁ, ଗୋପାଳ ମହାନ୍ତି, ସଂକୀର୍ତ୍ତନ ଜୟପୁରିଆ, ସୁବାସ କୁମାର ଗୁପ୍ତା, କୁଞ୍ଜବିହାରୀ ରାଉତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଅନ୍ୟତମ ସଦସ୍ୟ ନିହାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସର୍ବୋପରି ଥାନା ଓ ଜନସାଧାରଣ ଙ୍କ ମଧ୍ୟରେ ଦୂରତା କମାଇବାରେ ଏଭଳି କାର୍ଯ୍ୟକ୍ରମ ବେଶ୍ ଫଳପ୍ରଦ ହୋଇଛି ବୋଲି ପ୍ରତୀୟମାନ ହୋଇଥିଲା।

## ଚିର ସବୁଜ ଅକ୍ଷୟ ମହାନ୍ତିଙ୍କ ଜୟନ୍ତୀ ପାଳିତ

କେନ୍ଦ୍ରାପଡ଼ା,୧୩/୧୦(ନି/ପ୍ର): ଓଡ଼ିଆ ସଙ୍ଗୀତ ସାମ୍ରାଜ୍ୟର ବେତାଜ୍ ବାଦଶାହା ପ୍ରବାଦ ପୁରୁଷ ଚିର ସବୁଜ ଅକ୍ଷୟ ମହାନ୍ତିଙ୍କ ନବେତମ ପୁଣ୍ୟ ଜୟନ୍ତୀ ତାଙ୍କର ପ୍ରିୟ ଅନୁଷ୍ଠାନ କେନ୍ଦ୍ରାପଡ଼ା ଜିଲ୍ଲାର ବାରୁଅ ସ୍ଥିତ ଭାବଗ୍ରାହୀ କଳା ନିକେତନର ଅକ୍ଷୟ ମହାନ୍ତି କକ୍ଷରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଅକ୍ଷୟଙ୍କ ଅନ୍ୟତମ ପଟ୍ଟଶିଷ୍ୟ ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ପ୍ରଶାନ୍ତ ସାମଲ, ମୁଖ୍ୟବକ୍ତା ଭାବେ ପଣ୍ଡିତ ପଦ୍ମନାଭ ଦାଶ, ସମ୍ମାନୀତ ଅତିଥି ଭାବରେ ସ୍ୱରତୀର୍ଥର ପ୍ରତିଷ୍ଠାତା ଓ ସଙ୍ଗୀତ ଗୁରୁ ରବୀନ୍ଦ୍ର ନାଥ ମିଶ୍ର, ପରିବେଶବିତ୍ ନୃସିଂହ ଚରଣ ତ୍ରିପାଠୀ, ସତୀର୍ଥର ପ୍ରତିଷ୍ଠାତା କବି ମନ୍ମଥ ନାଥ ବରାଳ, କବିଅମର ପ୍ରସାଦ ରାଉତ, କଣ୍ଠଶିଳ୍ପୀ ଅଜୟ ମହାନ୍ତି, ସଙ୍ଗୀତଜ୍ଞ ପୂର୍ଣ୍ଣଚନ୍ଦ୍ର ନାୟକ, ନାଟ୍ୟକାର ଭୀମସେନ ପ୍ରଧାନ, ସେୟାର ସମ୍ପାଦକ କିଶୋର ସ୍ୱାଇଁ, କବିଅଶୋକ ସାହୁ, ଅଶୀ ବିଷ୍ଣୁପ୍ରିୟା ସାମଲ ପ୍ରମୁଖ ଉପସ୍ଥିତ ରହି ସ୍ମୃତି ଚାରଣ କରିବା ସହିତ ଅକ୍ଷୟଙ୍କୁ ଭକ୍ତିପୂତ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଅବସରପ୍ରାପ୍ତ ପୋଲିସ ଅଫିସର୍ସ କଲ୍ୟାଣ ଆସୋସିଏସନ ତରଫରୁ ଶାରଦୀୟ ପାର୍ବଣର ଅଭିନନ୍ଦନ ଓ ସମ୍ବର୍ଦ୍ଧନା ଉତ୍ସବ



ରାଉରକେଲା,୧୩/୧୦(ନି/ପ୍ର): 'ଶାରଦୀୟ ପାର୍ବଣ ଉତ୍ସବ ସମସ୍ତଙ୍କ ପାଇଁ ମଙ୍ଗଳମୟ ଓ ଶୁଭଙ୍କର ହେଉ' ଏହି ବାର୍ତ୍ତା ଦେଇ ଅଧିବେଶନର ମୁଖ୍ୟ ଅତିଥି ପ୍ରାକ୍ତନ ବରିଷ୍ଠ ଏସପି ଶ୍ରୀ ଶତ୍ରୁଘ୍ନ ପରିଡା ରାଉରକେଲାବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଉରକେଲା ଅବସରପ୍ରାପ୍ତ ପୋଲିସ ଅଫିସର୍ସ କଲ୍ୟାଣ ଆସୋସିଏସନର ସାଧାରଣ ସମ୍ପାଦକ ଡ଼କ୍ଟର ସୁମନ ଦତଙ୍କ ଆବାହକତ୍ୱରେ କଳିଙ୍ଗବିହାର ଠାରେ ପୂର୍ବତନ ଅଫିସର ମାନଙ୍କୁ ନେଇ ଅଭିନନ୍ଦନ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ମନ୍ତ୍ର ଉଚ୍ଚାରଣ କରାଯାଇ ମା' ଦୁର୍ଗା, ମା' ଲକ୍ଷ୍ମୀ ଓ ମା' କାଳୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ବିଗତ ଦିନରେ ଆସୋସିଏସନ ତରଫରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ଡ଼କ୍ଟର ଦତ ସମସ୍ତଙ୍କୁ ଅବଗତ କରାଇଥିେ। ଆସୋସିଏସନର ଏକ ଅଫିସ ଗୃହ ପାଇଁ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କୁ ପୁଣିଥରେ ଅନୁରୋଧ କରିବା, ଅନ୍ୟ ହସ୍ପିଟାଲ ଭଳି ଆମର ସଭ୍ୟ ମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ଆପୋଲୋ ହସ୍ପିଟାଲର ମୁଖ୍ୟ ପରିଚାଳକଙ୍କୁ ଅନୁରୋଧ କରିବା, ଆସନ୍ତା ଡିସେମ୍ବର ମାସରେ ବାର୍ଷିକ ଉତ୍ସବ ପାଳନ କରିବା, ଷ୍ଟେଟବ୍ୟାଙ୍କରେ ଗୋଟିଏ ଆକାଉଣ୍ଟ ଖୋଲିବା ଆଦି ବିଷୟରେ ସଭ୍ୟ ମାନେ ଗୁରୁତ୍ୱାରୋପ କରିଥିଲେ। ନିଜେ ଭଡା ଘରେ ଥାଇ ବାସଗୃହ ନ ଥିବା ପଚାଶ ଜଣ ବ୍ୟକ୍ତିଙ୍କୁ ନିଜସ୍ୱ ଖର୍ଚ୍ଚରେ ଘର ତିଆରି କରି ହସ୍ତାନ୍ତର କରିଥିବା ବିଶିଷ୍ଟ ସମାଜସେବୀ ଭରତ ବାଇଙ୍କୁ ଆସୋସିଏସନ ତରଫରୁ ପୁଷ୍ପଗୁଚ୍ଛ,ଉତରୀୟ ଓ ପ୍ରଶସ୍ତିପତ୍ର ପ୍ରଦାନ କରାଯାଇଥିଲା।ପୂର୍ବତନ ଏସପି ତଥା ବର୍ଷୀୟାନ ଉପଦେଷ୍ଟା ଜନାବ ହାଇଦର ଖାନଙ୍କୁ ପୁଷଗୁଚ୍ଛ ଦେଇ ତାଙ୍କର ଉତମ ସ୍ୱାସ୍ଥ୍ୟର କାମନା କରାଯାଇଥିଲା। ବିଗତ ଦିନରେ ସବ-ଇନସ୍ପେକ୍ଟର ମନୋହର ପ୍ରଧାନ ଓ.ଏ.ଏସ ପାଇଥିବାରୁ, ରେଳବାଇ କୁଲି କାମ କରୁଥିବା ସନ୍ତୋଷ ସା' ଙ୍କର ଦୁଇପୁଅ ଏନଆଇଟି ପାଇଁ କୃତକାର୍ଯ୍ୟ ହୋଇଥିବାରୁ, ହୋମଗାର୍ଡ ଅଞ୍ଜନା ରାଣୀ ମାଝୀ ଆକ୍ସିଡେଟଂ ବ୍ୟକ୍ତିର ପ୍ରାଣ ବଚାଂଇବାର ଚେଷ୍ଟା ଓ ଭିନ୍ନକ୍ଷମ ଗୋପୀନାଥ ବେହେରା ଚା' ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବାରୁ ସମ୍ମାନିତ କରାଯାଇଥିଲା। ବରିଷ୍ଠ ଉପଦେଷ୍ଟା ରଂଜିତ କୁମାର ଭୋଇ ଆଗାମୀ ଦିନରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଶେଷରେ ବରିଷ୍ଠ ଉପ-ସଭାପତି ଯଦୁମଣି ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧିବେଶନରେ ସନ୍ୟାସୀ ମହାପାତ୍ର, ପଚାଂନନ ବିଶ୍ୱାଳ,ବ୍ରହ୍ମାନନ୍ଦ ମହାନ୍ତି, ପିତାମ୍ବର କୁଅଁର, କୀର୍ତ୍ତନ ସାମଲ, ବଂଶୀଧର ବଳ, ମଦନ ନାୟକ, କିରଣ ନାୟକ ଆଦି ଉପସ୍ଥିତ ରହି ଅଧିବେଶନରେ ଅଂଶ ଗ୍ରହଣ କରିଥିଲେ।

# ମାନସିକ ସଚେତନତା ଶିବିର

ରାଉରକେଲା,୧୩/୧୦: ରାଉରକେଲା ଆଇନ ମହାବିଦ୍ୟାଳୟ ଠାରେ ଭାରପ୍ରାପ୍ତ ଅଧ୍ୟକ୍ଷା ଡକ୍ଟର ସମ୍ପାଦିକା ମହାନ୍ତିଙ୍କ ଅଧ୍ୟକ୍ଷତା ଓ ଯୁବ ରେଡକ୍ରସ୍ ର ମିଳିତ ଉଦ୍ୟମରେ ଏକ ମାନସିକ ସଚେତନତା ଶିବିରର ଆୟୋଜନ କରାଯାଇଥିଲା। ଜାତୀୟ ସଂଗୀତ ଗାନ ସହିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭ କରାଯାଇଥିଲା ।ଏହି ସଚେତନତା ଶିବିରର ଆଲୋଚନାର ବିଷୟ ବସ୍ତୁ ଥିଲା 'ପ୍ରକୃତ ଖୁସି ନିଜ ଭିତରୁ ମିଳିଥାଏ ' କ୍ଷ ଏହି ଆଲୋଚନା ଚକ୍ରରେ ରେ ମୁଖ୍ୟଅତିଥି ରୂପେ ରାଉରକେଲା ନିରୀକ୍ଷଣ ତଥା ସ୍ୱତନ୍ତ୍ର ଗୃହର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ ଚରଣ ତ୍ରିପାଠୀ, ପ୍ରେରଣାଦାୟକ ବକ୍ତା ଅନ୍ୟତମ ଅତିଥି ରୂପେ ବରଗଡ ସାଇ ମଲ୍ଟି ସ୍ପେଶାଲିଟି ହସ୍ପିଟାଲର ସ୍ନାୟୁ ବିଶେଷଜ୍ଞ ଡାକ୍ତର ଅଜିତ ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଆତ୍ମସ୍ୱୀକୃତି, ଆବେଗିକ ଦୃଢ଼ତା, ସଚେତନତା, ଭ୍ରମାତ୍ମକ ଧାରଣା ଦୂରକରିବା,ଧ୍ୟାନ, ବ୍ୟାୟାମ, ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ କିପରି ନିଜର ମାନସିକ ଦୁଶ୍ଚିନ୍ତାକୁ ଦୂରୀଭୂତ କରିହେବ।

## ଜିଲ୍ଲାପାଳ,ଏସପିଙ୍କ ଜନ ଶୁଣାଣି

ଭୁବନ,୧୩/୧୦(ନି/ପ୍ର): ଭୁବନ ପଂଚାୟତ ସମିତି ସଭାଗୃହରେ ଜିଲ୍ଲାପାଳ ଏବଂ ଏସପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମୁଦାୟ ୧୦୦ ଟିଅଭିଯୋଗ ଦାଖଲ ହୋଇଥିଲା । ଘଟଣା ସ୍ଥଳରେ ୬ ଟି ଅଭିଯୋଗର ସମାଧାନ ହୋଇଥିଲା । ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଜଣ ଓ ରେଡକ୍ରସ ପାଣ୍ଠିରୁ ୨ ଜଣଙ୍କୁ ସମୁଦାୟ ୫୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଲଳିତ କୁମାର ବେହେରା, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଆଜିଙ୍କ୍ୟ ବାବୁରାଓ ମାନେ, ଆଡିସିନାଲ ପି ଡି ସୌଦାମିନୀ ଦାସ,କାମାକ୍ଷା ନଗର ଉପ ଜିଲ୍ଲାପାଳ ବିକାଶ ଚନ୍ଦ୍ର ମହାନ୍ତି ,ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ସପନ କୁମାର ମହାନ୍ତି।

# ମାତୃଶକ୍ତି ଲକ୍ଷ୍ମୀ ପୂଜା କମିଟିର ମା ଲକ୍ଷ୍ମୀ ପୂଜା ଆସନ୍ତା ୨୫ରୁ



ରାଉରକେଲା,୧୩/୧୦(ନି/ପ୍ର): ଧନ, ସମୃଦ୍ଧି ଓ ସୁଖଶାନ୍ତିର ଦେବୀ ମା' ଲକ୍ଷ୍ମୀଙ୍କ ପୂଜାକୁ ନେଇ ରାଉରକେଲାରେ ଆରମ୍ଭ ହୋଇଛି ପ୍ରସ୍ତୁତି। ଆସନ୍ତା ୨୫ ଅକ୍ଟୋବରରୁ ୨ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ସେକ୍ଟର-୭ ଦୁର୍ଗାପୂଜା ପଡ଼ିଆରେ ଆୟୋଜିତ ହେବ ମା' ଲକ୍ଷ୍ମୀ ପୂଜା। ମା' ଲକ୍ଷ୍ମୀଙ୍କ ଆଶୀର୍ବାଦ କାମନା କରି ଭକ୍ତି, ଶ୍ରଦ୍ଧା ଓ ଉତ୍ସାହର ସହିତ ଏହି ପୂଜା ଆୟୋଜନ କରିବାକୁ ଯାଉଛି ମାତୃଶକ୍ତି ଲକ୍ଷ୍ମୀ ପୂଜା କମିଟି। ଏସମ୍ପର୍କରେ କମିଟି ତରଫରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର କର୍ମକର୍ତ୍ତା ସାମ୍ବାଦିକଙ୍କୁ ସୂଚନା ପ୍ରଦାନ କରି କହିଲେ ଯେ ନଅ ଦିନ ଧରି ଚାଲିବାକୁ ଥିବା ଏହି ପୂଜା ଅବସରରେ ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କୁ ଆମନ୍ତ୍ରଣ କରାଯାଇଛି। ନୀତି ନିୟମ,ଶାନ୍ତି ଶୃଙ୍ଖଳା ସହ ଏହି ପୂଜା ପାଳନ କରାଯିବ। ଏହି ପୂଜାରେ ସହରବାସୀ ବହୁ ସଂଖ୍ୟାରେ ଯୋଗଦେଇ ମା'ଙ୍କ ଆଶୀର୍ବାଦ ଲାଭ କରିବାକୁ ଅନୁଷ୍ଠାନ ତରଫରୁ ଅନୁରୋଧ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଆୟୋଜନରେ କମିଟିର ଅଧ୍ୟକ୍ଷା ପୂଜା ରାୟ, ଉପାଧ୍ୟକ୍ଷା ସୁଚିତ୍ରା ତନ୍ତୀ, ସଂଯୋଜିକା ମିନତୀ ଦେବତା ଏବଂ ସଭାପତି କଳ୍ପନା ଭଞ୍ଜଙ୍କ ସହ ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷା ମମତା ଜେନା, ଅନ୍ନପୂର୍ଣ୍ଣା ବେହେରା , ଅହଲ୍ୟା ପାଣି , ରଜନୀ ନାୟକ , ନିବେଦିତା ବୈରୀଗଞ୍ଜନ , ସୁପ୍ରଭା ଦେହୁରୀ, ପ୍ରିୟଦର୍ଶିନୀ ରାଉତ , ମନ୍ଦିରା ମିଶ୍ର, ମମତା ଚାନ୍ଦ, ଅନୁପମା ସ୍ୱାଇଁ , ଅଳକା ଦାସ , ରଶ୍ମୀ ମଣ୍ଡଳ, ସଂଯୁକ୍ତା କାଣ୍ଡି, ରୀତା ପାଢ଼ୀ , ଅଞ୍ଜଳୀ ନାୟକ , ନମିତା ସାହୁ, ବେବି ସେଠୀ, ସରୋଜିନୀ ବେହେରା,ଗୀତା ନାୟକ, ଲକ୍ଷ୍ମୀପ୍ରିୟା ବେହେରା , ଭାନୁମତୀ ବେହେରା , ବିମଳା ବଡ଼ାଇ , ଚାନ୍ଦ ବଡାଇକ,ପୂଜା ହରିପାଲ ପ୍ରମୁଖ ଉପସ୍ଥିତ ଥିଲେ।

## ଇନ୍ଧନ ଯୋଗାଣ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ସେଲ, ରାଉରକେଲା ଇସ୍ପାତ କାରଖାନା ଆଇ.ଓ.ସି.ଏଲ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷର




ରାଉରକେଲା,୧୩/୧୦(ନି/ପ୍ର): ସେଲ, ରାଉରକେଲା ଇସ୍ପାତ କାରଖାନା (ଆର.ଏସ.ପି), ହାଇ ସ୍ପିଡ୍ ଡିଜେଲ ଏବଂ ମୋଟର ସ୍ପିରିଟ୍ ଯୋଗାଣ ପାଇଁ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍ (ଆଇ.ଓ.ସି.ଏଲ) ସହିତ ଅକ୍ଟୋବର, ପହିଲା ରୁ କାର୍ଯ୍ୟକାରୀ ହେବାକୁ ଥିବା ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛି। ଏହି ବୁଝାମଣା ପତ୍ର ତିନି ବର୍ଷ ପାଇଁ ବଳବତ୍ତର ରହିବ, ଯାହାକୁ ଆଉ ଗୋଟିଏ ବର୍ଷ ପାଇଁ ବୃଦ୍ଧି କରିବାର ପ୍ରାବଧାନ ରହିଛି। ଆର.ଏସ.ପି ପକ୍ଷରୁ ମୁଖ୍ୟ ମହାପ୍ରବନ୍ଧକ (ସାମଗ୍ରୀ ପ୍ରବନ୍ଧନ) ଶ୍ରୀ ଟି. ବିନୋଦ ଏବଂ ଆଇ.ଓ.ସି.ଏଲ ପକ୍ଷରୁ ସମ୍ବଲପୁର ଡିଭିଜନର ଡିଭିଜନାଲ୍ ଇନଷ୍ଟିଚ୍ୟୁସନାଲ୍ ବିଜନେସ୍ ହେଡ୍ ଶ୍ରୀ ପ୍ରକାଶ ଭାରତୀ ଏହି ବୁଝାମଣା ପତ୍ର ରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ନିର୍ବାହୀ ନିର୍ଦ୍ଦେଶକ (ସାମଗ୍ରୀ ପ୍ରବନ୍ଧନ) ଶ୍ରୀ ଅନିଲ କୁମାର, ଭାରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ (ମେ୍ନୋନ୍ସ) ଶ୍ରୀ ଏସ୍. ଏସ୍. ରାୟଚୌଧୁରୀ, ମହାପ୍ରବନ୍ଧକ, ସାମଗ୍ରୀ ପ୍ରବନ୍ଧନ (ଷ୍ଟୋର୍ସ) ଶ୍ରୀ ଆଶିଷ ରଞ୍ଜନ, ମହାପ୍ରବନ୍ଧକ, ସାମଗ୍ରୀ ପ୍ରବନ୍ଧନ (ପରଚେଜ୍) ଶ୍ରୀ ସି. ଭି. ଆପାରାଓଙ୍କ ସମେତ ସେଲ ଆର.ଏସ.ପି ଏବଂ ଆଇ.ଓ.ସି.ଏଲ ର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଚୁକ୍ତିନାମା ଆର.ଏସ.ପି ଏବଂ ଆଇ.ଓ.ସି.ଏଲ ମଧ୍ୟରେ ଦୀର୍ଘଦିନର ସହଯୋଗିତା ଦିଗରେ ଆଉ ଏକ ପଦକ୍ଷେପ ଏବଂ ଏହାର ଲକ୍ଷ୍ୟ ହେଉଛି କାରଖାନାର ପରିଚାଳନା ଓ ପରିବହନ ଆବଶ୍ୟକତା ପାଇଁ ଆବଶ୍ୟକୀୟ ପେଟ୍ରୋଲିୟମ୍ ଦ୍ରବ୍ୟର ନିର୍ଭରଯୋଗ୍ୟ ଏବଂ ଅବିରତ ଯୋଗାଣ ସୁନିଶ୍ଚିତ କରିବା। ଏହି ପଦକ୍ଷେପ ଆର.ଏସ.ପି ର ଯୋଗାଣ ଶୃଙ୍ଖଳା କୁ ଆହୁରି ସୁଦୃଢ଼ କରିବ ଏବଂ ପ୍ରତିଷ୍ଠିତ ଯୋଗାଣକାରୀଙ୍କ ସହିତ ଦୀର୍ଘକାଳୀନ ସହଭାଗିତା ଗଢ଼ିତୋଳିବା ପାଇଁ ଏହାର ପ୍ରତିବଦ୍ଧତାକୁ ଦୋହରାଇବ। ଏହି ଚୁକ୍ତିନାମା ଇନ୍ଧନ ଯୋଗାଣର ନିର୍ଭରଯୋଗ୍ୟତାକୁ ବୃଦ୍ଧି କରି, ଆର.ଏସ.ପି ରେ ବିଭିନ୍ନ ପରିଚାଳନା ଓ ପରିବହନ କାର୍ଯ୍ୟର ସୁଚାରୁ ପରିଚାଳନାରେ ସହାୟକ ହେବ ବୋଲି ଆଶା କରାଯାଉଛି।

# ଏକତା ଫାଉଣ୍ଡେସନର ଦାଣ୍ଡିଆ ନୃତ୍ୟ ପ୍ରତିଯୋଗିତା



ରାଉରକେଲା,୧୩/୧୦(ନି/ପ୍ର): ସାମାଜିକ ଅନୁଷ୍ଠାନ ଏକତା ଫାଉଣ୍ଡେସନ ତରଫରୁ ଦାଣ୍ଡିଆ ନୃତ୍ୟ ଓ ପୋଷାକ ପ୍ରତିଯୋଗିତା ଝିରପାଣି ସ୍ଥିତ ସାଇନିଂ କ୍ଲବ ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବସୁମତୀ ମହାନ୍ତିଙ୍କ ଆବାହକତ୍ୱ ଓ ଚାଇନା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମାଜସେବୀ ଜ୍ଞାନେନ୍ଦ୍ର ଦାଶ, ନରେନ୍ଦ୍ର ସାହୁ,କାଂଚନ ରାୟ ଓ ଅନାଦି ନାଥ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଶତାଧିକ ପ୍ରତିଯୋଗୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ ସଂଗ୍ରାମ ପତି,ସୁଲତା ପତି,ଝୁନୁ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଉପସ୍ଥିତ ସାମ୍ବାଦିକଙ୍କୁ ସମ୍ମାନିତ କରାଯାଇଥିଲା ।ଏହି କାର୍ଯ୍ୟକ୍ରମ ପରିଚାଳନା ରେ କାର୍ଯ୍ୟକାରୀ ସଭାପତି ସୁସ୍ମିତା ପଣ୍ଡା, ଉପସଭାପତି ବିଜୟ ସୁନ୍ଦରାୟ, କୋଷାଧ୍ୟକ୍ଷା ଶାନ୍ତିଲତା ବେହେରାଙ୍କ ସମେତ ସଦସ୍ୟା ଜ୍ୟୋତ୍ସ୍ନା, ମନୋରମା, ନିରୁପମା, ଆରତୀ, ଲତିକା,ଶଶିଲତା ଙ୍କ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ ଏଭଳି କାର୍ଯ୍ୟକ୍ରମ ବିଗତ ୬ ବର୍ଷ ଧରି ଚାଲୁଅଛି।କାର୍ଯ୍ୟକ୍ରମ ଶେଷରେ ସଭାପତି ଶ୍ରୀମତୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।